ବର୍ଷ-୨୫, ସଂଖ୍ୟା-୮୨
ଭୁବନେଶ୍ୱର
୨୫, ମାର୍ଚ୍ଚ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 82
Bhubaneswar
25 March, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଶ୍ରୀ ନୀଳମାଧବଙ୍କ ଦର୍ଶନ କଲେ ମହାମହିମ ରାଷ୍ଟ୍ରପତି





**ନୟାଗଡ଼, ୨୪।୩(ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶା ଗସ୍ତରେ ଆସିଛନ୍ତି। ସୋମବାର ଅପରାହ୍ନରେ ସେ ଛତିଶଗଡ଼ର ରାୟପୁରରୁ ଭୁବନେଶ୍ୱରରେ ପହଞ୍ଚିଥିଲେ।

ରାଷ୍ଟ୍ରପତି ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାତ୍ରା କରିଥିଲେ ଏବଂ ପ୍ରଭୁ ଶ୍ରୀ ନୀଳମାଧବ ମନ୍ଦିରରେ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ଶବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇଥିଲେ।

କାଳିଆପଲ୍ଲୀ ଠାରେ ଆୟୋଜିତ ସଭାରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ,ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ। ଏଠାରେ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ବିକଶିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀମାନଙ୍କୁ ଆକର୍ଷିତ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଅର୍ଥବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏହି ସ୍ଥାନ ଏବଂ ଅଞ୍ଚଳର ବିକାଶରେ ଯୋଗଦାନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ, କୃଷି, ହସ୍ତଶିଳ୍ପ, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ନୟାଗଡ଼ର ସମ୍ଭାବନାକୁ ସାକାର ରୂପ ଦେବା ପାଇଁ ସମସ୍ତେ ଆଗକୁ ଆସିବା ଉଚିତ।

ରାଷ୍ଟ୍ରପତି କହିଥିଲେ, ପ୍ରକୃତି ଅନୁକୂଳ ଜୀବନଶୈଳୀ ଭାରତୀୟ ସଂସ୍କୃତିର ଏକ ବିଶେଷତ୍ୱ। ଏହା ମଧ୍ୟ ଆଦିବାସୀ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆଦିବାସୀ ଭାଇ ଓ ଭଉଣୀମାନେ ଜଙ୍ଗଲ, ବୃକ୍ଷ ଆଦିକୁ ଦେବତା ଭାବେ ପୂଜା

## ● ଭାରତୀୟ ବିଶ୍ୱାବସୁ ଶବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଲେ ରାଷ୍ଟ୍ରପତି
## ● ନୟାଗଡ଼ କୃଷି, ହସ୍ତଶିଳ୍ପ, ପର୍ଯ୍ୟଟନରେ ବିପୁଳ ସମ୍ଭାବନା ରହିଛି
## ● ସର୍ବଧର୍ମର ସମନ୍ୱୟ କ୍ଷେତ୍ର ଭାବେ ନୟାଗଡ ଜିଲ୍ଲା ପ୍ରସିଦ୍ଧି ଲାଭ କରିଛି : ମୁଖ୍ୟମନ୍ତ୍ରୀ
## ● ଜନଜାତି ଭାଇ ଭଉଣୀମାନଙ୍କ ପାଇଁ ଆମ ସରକାର ଅନେକ କାର୍ଯ୍ୟକ୍ରମ ନେଇଛନ୍ତି

କରିଥାନ୍ତି। ଆଦିବାସୀଙ୍କ ବିଶ୍ୱାସ ଅନୁଯାୟୀ, ସେମାନଙ୍କ ପୂର୍ବପୁରୁଷଙ୍କ ଆତ୍ମା ଜଙ୍ଗଲରେ ବାସ କରନ୍ତି। ଏହି ବିଶ୍ୱାସ, ଜଙ୍ଗଲ ସୁରକ୍ଷାର ମହାନ ମନ୍ତ୍ର।

ଆଦିବାସୀ ଭାଇ ଓ ଭଉଣୀମାନଙ୍କ କଳା ଓ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ସହିତ ସେମାନଙ୍କ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ । କଲ୍ୟାଣମୂଳକ ଯୋଜନା ବିଷୟରେ ସଚେତନ ହେବା ଏବଂ ସେଗୁଡ଼ିକର ଲାଭ ଉଠାଇବା ପାଇଁ ରାଷ୍ଟ୍ରପତି ସେମାନଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ, ଲୋକମାନଙ୍କର ସହଯୋଗ ଏବଂ ଭାଗିଦାରୀ ଦ୍ୱାରା ସରକାରୀ ଯୋଜନାଗୁଡ଼ିକ ସଫଳ ହୋଇପାରିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ମୁଁ ଆଜି ଭାରତ ବିଶ୍ୱାବସୁ ଶବର ସମାଜର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏହି ସଭାରେ ଯୋଗ ଦେଇ ଅତ୍ୟନ୍ତ ଆନନ୍ଦିତ ପ୍ରଭୁ ନୀଳମାଧବଙ୍କର ଏହି ପୁଣ୍ୟପୀଠକୁ ଆସିବା ମୋର ସୌଭାଗ୍ୟ ବୋଲି ମନେ କରୁଛି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରଭୁ ନୀଳମାଧବଙ୍କ ପାଦପଦ୍ମରେ ପ୍ରଣାମ କରୁଛି। ଆମ ଓଡିଶାର କଂସା ବାସନ ଓ ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ ଏଇ କଣ୍ଟିଲୋ ମାଟିରେ ଆଜି ରାଷ୍ଟ୍ରପତି ମହୋଦୟା ଦ୍ରୌପଦୀ ମୁର୍ମୁଜୀଙ୍କର ଆଗମନ, ଏହି ସମାରୋହକୁ ଆହୁରି ଭବ୍ୟ ଏବଂ ସୁରମ୍ୟ କରିଦେଇଛି। ଆଜି ଆମେ ଧନ୍ୟ, କାରଣ ମହାମହିମ ନିଜର ସମସ୍ତ ବ୍ୟସ୍ତ ବହୁଳ ଓ କାର୍ଯ୍ୟବହୁଳ ସମୟରୁ ସମୟ କାଢି ନିଜ ରାଜ୍ୟକୁ ଆସିଛନ୍ତି ଏବଂ ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠା ଦିବସର ଉଦଘାଟନ କରିଛନ୍ତି। ଭାରତର ସର୍ବୋଚ୍ଚ ଶାସନକର୍ତ୍ତା ହୋଇ ମଧ୍ୟ ନିଜ ମାଟି ପ୍ରତି ଭଲ ପାଇବା, ଆବିଳତାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ। ଆଦିମ ଜନଜାତି ଶବର, ବନବାସୀ ସଂପ୍ରଦାୟ ଓଡ଼ିଶାର ପ୍ରାଚୀନ ଅଧିବାସୀ। ମହାନଦୀ ଅବବାହିକାର ଉର୍ବର ମୃତ୍ତିକା ଓ ଚାରଣ ଭୂମି ସହିତ ବଣପାହାଡ଼ ଘେରା ଅଞ୍ଚଳ ଏହି ଆଦିମ ସଂପ୍ରଦାୟକୁ ବସତି ସ୍ଥାପନରେ ସହାୟକ ହୋଇଆସିଛି। ଏହି ସଂପ୍ରଦାୟର ମୁଖ୍ୟ ଆଧାର ହେଉଛନ୍ତି କିମ୍ବଦନ୍ତୀ ଓ ପୁରାଣରେ ବର୍ଣ୍ଣିତ ଶବର ରାଜା ବିଶ୍ୱାବସୁ।ଏହି ପ୍ରତିଷ୍ଠା ଦିବସକୁ ମୁଁ ଅତିଥି ହିସାବରେ ନୁହେଁ, ବରଂ ଆପଣମାନଙ୍କ ଭିତରୁ ଜଣେ ହୋଇ ଆସିଛି। ଏହି ଉତ୍ସବ ଆମ ଐତିହ୍ୟ, ପରମ୍ପରା ଓ ଭାବାବେଗ ସହ ଜଡ଼ିତ ବୋଲି ମୁଁ ଅନୁଭବ କରେ। ସର୍ବଧର୍ମର ସମନ୍ୱୟ କ୍ଷେତ୍ର ଭାବେ ନୟାଗଡ ଜିଲ୍ଲା ପ୍ରସିଦ୍ଧି ଲାଭ କରିଛି ଓଡ଼ଗାଁର ରଘୁନାଥ ଜୀଉଙ୍କଠାରୁ ଆରମ୍ଭ କରି ଶରଣକୁଳର ଲଡୁବାବାଙ୍କ ପର୍ଯ୍ୟନ୍ତ ଏବଂ ମା ଦକ୍ଷିଣକାଳୀଙ୍କଠାରୁ ଆରମ୍ଭ କରି ନୀଳମାଧବଙ୍କ ପର୍ଯ୍ୟନ୍ତ; ବୈଷ୍ଣବ, ଶୈବ, ଶାକ୍ତ ଧର୍ମର ନିଦର୍ଶନ ଏହିଠାରେ ଦେଖିବାକୁ ମିଳେ।ଜନଜାତି ଭାଇ ଭଉଣୀମାନଙ୍କ ପାଇଁ ଆମ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେଗୁଡ଼ିକର ସଫଳ ରୂପାୟନରେ ଆପଣ ସମସ୍ତଙ୍କ ଯୋଗଦାନ ରହିବ ବୋଲି ମୋର ଆଶା ଓ ବିଶ୍ୱାସ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଛି ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା।

# ଆଶ୍ୱସ୍ତି : ବଢ଼ିବନି ବିଦ୍ୟୁତ୍ ଦର

ଭୁବନେଶ୍ୱର, ୨୪।୩(ମହାଭାରତ): ରାଜ୍ୟର ପ୍ରାୟ କୋଟିଏ ବିଜୁଳି ଉପଭୋକ୍ତାଙ୍କ ପାଇଁ ଖୁସି ଖବର ଆଣିଦେଇଛି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବା ଓଇଆରସି। କାରଣ ସାଧାରଣ ଗ୍ରାହକଙ୍କ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ବିଜୁଳି ଦର ଅପରିବର୍ତ୍ତିତ ରହିଛି। ଚଳିତ ବର୍ଷ ବିଦ୍ୟୁତ ଦର ଅପରିବର୍ତିତ ରହିବ। ଏଥିସହ ୨ କିଲୋ ୱାଟ୍ ପର୍ଯ୍ୟନ୍ତ ମିଟର ଭଡ଼ା ଦେବାକୁ ପଡିବନି । ସେହିପରି ୨ କିଲୋ ୱାଟ୍ ଯାଏ ସ୍ମାର୍ଟ ମିଟର ରେଣ୍ଟଛାଡ଼ ହୋଇଛି ।



ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ସୋମବାର ରାଜ୍ୟର ବିଦ୍ୟୁତ୍ ଗ୍ରାହକମାନଙ୍କୁ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଅନେକ ଗ୍ରାହକ ଅନୁକୂଳ ପଦକ୍ଷେପ ଘୋଷଣା କରିଛି। ଘୋଷଣା ଅନୁଯାୟୀ, ୨ କିଲୋୱାଟ ପର୍ଯ୍ୟନ୍ତ ସଂଯୁକ୍ତ ଲୋଡ୍ ସହିତ ସ୍ମାର୍ଟ ମିଟର ବ୍ୟବହାର କରୁଥିବା ଉପଭୋକ୍ତାମାନେ ଏବେ ମାସିକ ମିଟର ଭଡା ଦେବାରୁ ମୁକ୍ତ ହେବେ। ଏହି ପଦକ୍ଷେପ ଦ୍ୱାରା ବହୁ ସଂଖ୍ୟକ ଘରୋଇ ଉପଭୋକ୍ତା ଉପକୃତ ହେବେ। ଯାହା ସେମାନଙ୍କର ସାମଗ୍ରିକ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି। ତେବେ ୨ କିଲୋୱାଟ୍ ଟପିଲେ ମିଟର ରେଂଟ ଚାର୍ଜ ଦେବାକୁ ପଡ଼ିବ। ଏହା ସହିତ, ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ, ଡିଜିଟାଲ ପେମେଂଟ ପଦ୍ଧତି ମାଧ୍ୟମରେ ପୈଠ କରାଯାଇଥିବା ବିଦ୍ୟୁତ ବିଲ୍ ଉପରେ ୪% ରିହାତି ଜାରି ରହିବ। ଓଇଆରସିର ଇ-ବିଲ୍ ବ୍ୟବସ୍ଥା ଆପଣାଇଲେ ବିଲ୍‌ପିଛା ୧୦ ଟଙ୍କା ରିହାତି। ପ୍ରି-ପେଡ୍ ମିଟର ଲଗାଇଥିବା ଉପଭୋକ୍ତାଙ୍କୁ ୪% ରିହାତି। ଡିଜିଟାଲ ପେମେଣ୍ଟ କରୁଥିବା ଗ୍ରାହକଙ୍କୁ ୪% ରିହାତି ବଳବତ୍ତର।

ବିଜୁଳି ଦର ମାସିକ ୫୦ ୟୁନିଟ୍ ଯାଏଁ- ୨ଟଙ୍କା ୯୦ ପଇସା। ୫୦ରୁ ୨୦୦ ୟୁନିଟ୍- ୪ଟଙ୍କା ୭୦ ପଇସା। ୨୦୦ରୁ ୪୦୦ ୟୁନିଟ୍- ୫ଟଙ୍କା ୭୦ ପଇସା। ୪୦୦ ୟୁନିଟ୍‌ରୁ ଅଧିକ- ୬ଟଙ୍କା ୧୦ ପଇସା।

ଓଡ଼ିଶାରେ ବିଦ୍ୟୁତ ଉତ୍ପାଦନ ଅନ୍ୟ ପଡ଼ୋଶୀ ରାଜ୍ୟ ତୁଳନାରେ ଯଥେଷ୍ଟ ଅଧିକ। ଆଶା କରାଯାଉଥିଲା ସରକାର ବଦଳିବା ପରେ ବିଜୁଳି ବିଲ୍ କମ୍ କରିବେ। ହେଲେ ସେମିତି କିଛି ହୋଇନାହିଁ। ଉତ୍ପାଦନ ଅଧିକ ହେଉଥିବାରୁ ଅନ୍ୟ ରାଜ୍ୟକୁ ବିଜୁଳି ବିକୁଛନ୍ତି ସରକାର। କିନ୍ତୁ ନିଜ ରାଜ୍ୟରେ ବିଜୁଳି ବିଲ୍ କମାଇବାର ନାଁ ଧରୁନାହାନ୍ତି ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ। ଓଡ଼ିଶାରେ ବିଦ୍ୟୁତ ଉତ୍ପାଦନ ଅଧିକ ଥିଲେ ବି ଏଠାକାର ଉପଭୋକ୍ତା କିନ୍ତୁ ଅଧିକ ବିଲ୍ ଗଣୁଛନ୍ତି। ଯାହା ଗ୍ରାହକଙ୍କ ଉପରେ ଚାପ ପକାଉଛି।

# ବିଦା ହେଲେଣି ୧୫୯ ଦୁର୍ନୀତିଖୋର ବାବୁ

**ଭୁବନେଶ୍ୱର, ୨୪/୦୩ (ମହାଭାରତ) :** ଗତ ୫ ବର୍ଷ ଭିତରେ ୧୫୯ ଦୁର୍ନୀତିଖୋର ସରକାରୀ ବାବୁ ବିଦା ହେଲେଣି। ବିଭିନ୍ନ ଦୁର୍ନୀତି ଏବଂ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୫ ବର୍ଷରେ ୧୫୯ ବାବୁ ବିଦା ହୋଇଥିବା ନେଇ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୫ ବର୍ଷରେ ଏହି ମାନଙ୍କୁ ସରକାରୀ ଚାକିରିରୁ ବିଦା କରାଯାଇଛି। ସେମାନଙ୍କ ମଧ୍ୟରେ ୧୨୦ ଅଫିସର୍ ଓ କର୍ମଚାରୀ ଥିବା ବେଳେ ୩୯ ଜଣ ଅଫିସର୍ଙ୍କୁ ବାଧ୍ୟତାମୂଳ ଅବସର ଦିଆଯାଇଛି । ବିଭିନ୍ନ ଦୁର୍ନୀତିଖୋର ସରକାରୀ ବାବୁଙ୍କ ଘରେ ରେଡ୍ ହୋଇ ମୋଟ ୫୯ କୋଟି ୪୭ ଲକ୍ଷ ୮୪ ହଜାର ୯୮୧ ଟଙ୍କା ଜବତ ହୋଇଛି। ଏଥିସହିତ ମୋଟ ୧୦୫୩ଟି ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବା ବେଳେ ଏଥିରେ ୯୩୯ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୪ ମସିହା ଶେଷ ସୁଦ୍ଧା ରାଜ୍ୟରେ ୩୦୩୭ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଥିଲା। ଏହା ପରଠାରୁ ଚଳିତବର୍ଷ ଫେବୃୟାରୀ ଶେଷ ମଧ୍ୟରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ୩୬୨୩ଟି ମାମଲା ରୁଜୁ କରିଛି । ଦୁର୍ନୀତି ନିବାରଣ ମାମଲା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୪ ମସିହାରୁ ଏଯାବତ୍ ୨୩୫୩ଟି ମାମଲାର ଫଏସଲା ହୋଇଛି । ଏଥି ମଧ୍ୟରୁ ୯୩୯ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୧୦୫୩ଟି ମାମଲାରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଛନ୍ତି । ଏବେ ରାଜ୍ୟରେ ସର୍ବମୋଟ୍ ୩୬୮୪ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଛି। ଉତ୍ତରରେ ଦର୍ଶାଯାଇଛି ୨୦୧୬ ମସିହାରେ ରାଜ୍ୟରେ ସର୍ବାଧିକ ୫୭୫ ଟି ଦୁର୍ନୀତି ନିବାରଣ ମାମଲା ରୁଜୁ ହୋଇଥିବାବେଳେ ୨୦୧୭ ମସିହାରେ ମାମଲା ସଂଖ୍ୟା ୫୦୪ ରହିଥିଲା । ୨୦୨୦ ରେ ରୁଜ ମାମଲା ସଂଖ୍ୟା ୨୪୫ ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ଥିଲା ୨୧୧ । ସେହିଭଳି ୨୦୧୭ଟି ସର୍ବାଧିକ ୨୮୯ଟି ମାମଲାର ଫଏସଲା ହୋଇଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୨୮୮ ଥିଲା ।



# ୨୦ କିଲୋ ସୁନା ଜବତ

ପୁରୀ, ୨୪।୩(ମହାଭାରତ): ଆଜି ସନ୍ଧ୍ୟାରେ ପୁରୀ ଜିଲ୍ଲାର ଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କ ବାସଭବନରୁ ୨୦ କିଲୋଗ୍ରାମ ସୁନା ଓ ୫୦୦ ଟଙ୍କିଆ ନୋଟ୍‌ରେ ଭର୍ତ୍ତି ଟ୍ରଫି ବ୍ୟାଗ ଜବତ କରିଛି



ପୋଲିସ। ଏଥିସହ ପୋଲିସ ମହିଳାଙ୍କୁ ଗିରଫ କରିଛି। ଏକ ଜାଲିଆତି ଘଟଣାରେ ସମ୍ପୃକ୍ତ ମହିଳାଙ୍କ ଘରେ ପୋଲିସ ପୋଷାକ ବଦଳାଇ ଚଢ଼ାଉ କରି ୨୦ କିଲୋଗ୍ରାମ ସୁନା ଅଳଙ୍କାର ଏବଂ ୫୦୦ ଟଙ୍କିଆ। ନୋଟରେ ଭର୍ତ୍ତି ଟ୍ରଲି ବ୍ୟାଗ ଜବତ କରିଛି। ଏହି ସମୟରେ ତିଳୋତ୍ତମା ପ୍ରଧାନ ବୋଲି ପରିଚିତ ମହିଳାଙ୍କୁ ପଚରାଉଚରା ପାଇଁ ସ୍ଥାନୀୟ ପୋଲିସ ଷ୍ଟେସନରେ ଅଟକ ରଖାଯାଇଛି ଏବଂ ସୁନା ଅଳଙ୍କାର ଏବଂ ନଗଦ ଟଙ୍କା ସମ୍ପର୍କରେ ଅଧିକ ତଥ୍ୟ ବାହାର କରାଯାଇଛି।ଏ ସମ୍ପର୍କରେ ଅଧିକ ବିବରଣୀ ପାଇବା ପାଇଁ ତିଳୋତ୍ତମାଙ୍କ ପରିବାରର କିଛି ସଦସ୍ୟଙ୍କୁ ପୋଲିସ ଅଟକ ରଖିଥିବା କୁହାଯାଉଛି।

# ଖୁବଶୀଘ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର, ୨୪।୩(ମହାଭାରତ): ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଏଯାବତ ୯୬ ହଜାର ୪୭୪ କ୍ଷତିଗ୍ରସ୍ତଙ୍କୁ ୪୫ କୋଟି ୯୬ ଲକ୍ଷ ଫେରସ୍ତ କରାଯାଇଛି। ନୂଆ ସରକାର ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକରଣ କରୁଛନ୍ତି। ଚିଟଫଣ୍ଡ୍ ଟଙ୍କା ଫେରସ୍ତ ନେଇ ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ଚାଲିଛି। ଅବଶିଷ୍ଟ ଜମାକାରୀଙ୍କୁ ଫେରସ୍ତ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି।

ନିର୍ଦ୍ଦେଶାବଳୀ ପ୍ରସ୍ତୁତ ପରେ ଟଙ୍କା ଫେରିପାଇବେ କ୍ଷତିଗ୍ରସ୍ତ ଜମାକାରୀ। ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ତଥ୍ୟ ରଖିବା ପରେ ସରକାରଙ୍କ ଅରଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ବିଜେଡି ବିଧାୟକ ଶାରଦା ଜେନା କହିଛନ୍ତି ସରକାରକୁ ଆସିବା ଆଗରୁ ବିଜେପି କହିଥିଲା ଯେ କ୍ଷମତାକୁ ଆସିବାର ୩ମାସରେ ଲୋକଙ୍କୁ ଚିଟଫଣ୍ଡ ଟଙ୍କା ଫେରାଇବୁ।

# କୁଆପଥର କ୍ଷତିଗ୍ରସ୍ତଙ୍କ ପାଇଁ ୨୦ କୋଟି ମଞ୍ଜୁର

**ଭୁବନେଶ୍ୱର, ୨୪।୩(ମହାଭାରତ):** ଗତ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ କୁଆପଥର ବର୍ଷା ଅନୁଭୂତ ହୋଇଥିଲା। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୧୩ ଟି ବ୍ଲକ୍ (ବାଙ୍ଗିରିପୋଷି, ବିଶୋଇ, କୁଳିଅଣା, ସାରସକଣା, କରଞ୍ଜିଆ, ବହଳଦା, ବିଜତଳା, ଯଶିପୁର, ତିରିଙ୍ଗ, ରରୁଆଁ, ଠାକୁରମୁଣ୍ଡା, ରାଇରଙ୍ଗପୁର ଓ କୁସୁମି) ର ୫୧ ଟି ଗ୍ରାମର ୮୫୪୭ ଜଣ ବ୍ୟକ୍ତି ପ୍ରଭାବିତ ହୋଇଥିଲେ। ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ୨୦ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

ଜିଲ୍ଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁଯାୟୀ ୩୫୧୪ଟି ଗୃହ କ୍ଷତିଗ୍ରସ୍ତ ହୋଇଅଛି। ତନ୍ମଧ୍ୟରୁ ୧୩୫୦ଟି କଚ୍ଚାଘର ସଂପୂର୍ଣ୍ଣ ରୂପେ ଓ ୨୧୬୦ଟି ଗୃହ ଆଂଶିକ ରୂପେ ଏବଂ ୪ଟି ଗୁହାଳଘର କ୍ଷତିଗ୍ରସ୍ତ



ହୋଇଛି ଏବଂ ସମୁଦାୟ ୪୪୨ ହେକ୍ଟର କୃଷି ଓ ଉଦ୍ୟାନ କୃଷି କ୍ଷତିଗ୍ରସ୍ତ ହୋଇଅଛି । ଏହି ଅର୍ଥ ଗୃହ ମରାମତି ସହାୟତା, ରିଲିଫ୍ କ୍ୟାମ୍ପ ପରିଚାଳନା ଓ ଅନ୍ୟାନ୍ୟ ସହାୟତା ରାଶି ପାଇଁ ଜିଲ୍ଲା ପ୍ରଶାସନକୁ ଯୋଗାଇ ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ତୁରନ୍ତ ପଦକ୍ଷେପ ସ୍ୱରୂପ ପ୍ରଭାବିତ ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ୨୪ ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇଦିଆଯାଉଛି । ପ୍ରଭାବିତ ଲୋକମାନଙ୍କୁ ପଲିଥିନ ଯୋଗାଇ ଦିଆଯିବା ସହିତ ସେମାନଙ୍କ ରହିବା ପାଇଁ ଆଶ୍ରୟସ୍ଥଳୀର ସୁବନ୍ଦୋବସ୍ତ କରାଯାଇଛି। ବିପନ୍ନ ମାନଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ୧୫ ଟି ଡାକ୍ତରୀ ଦଳ ମୁତୟନ କରାଯାଇଛି । ଜିଲ୍ଲା ପାଖରେ ପାଖାପାଖି ୧୨୦୦୦ ପଲିଥିନ୍ ସିଟ୍ ମହଜୁଦ୍ ରହିଥିବା ସ୍ଥଳେ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜକୁ ୨୫୦୦ ପଲିଥିନ୍ ସିଟ୍ କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ ତୁରନ୍ତ ଯୋଗାଇ ଦିଆଯାଇଥିଲା ଓ ଏତଦବ୍ୟତୀତ ରାଜ୍ୟରୁ ମଧ୍ୟ ଅଗ୍ରାଧିକାର ଭିତିରେ ପୁଣି ୨୫୦୦ ପଲିଥିନ୍ ସିଟ୍ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଦାନ କରାଯାଇଛି। ୨୧୩୩ ସିଟପଲିଥିନ ପ୍ରଭାବିତ ଲୋକଙ୍କୁ ବଂଟା ସରିଥିବା ସ୍ଥଳେ ଆବଶ୍ୟକତା ଅନୁଯାୟୀ ଅଧିକ ପଲିଥିନ ବଂଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ସମ୍ବନ୍ଧରେ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ, ବିଧାୟିକା, ବାଙ୍ଗରିପୋଷି ଓ ବିଧାୟକ, ସାରଶକଣା ତୁରନ୍ତ ୨୧ ତାରିଖ ରେ ନିଜ ଅଞ୍ଚଳରେ ଉପସ୍ଥିତ ରହିଥିଲେ ଓ ପରେ ପରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ଏବଂ , ଜଙ୍ଗଲ ପରିବେଶ ମନ୍ତ୍ରୀ ୨୨ତାରିଖରେଗସ୍ତ କରି ଜିଲ୍ଲା ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ଉକ୍ତ ୨୨.୦୩.୨୦୨୫ ରିଖରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ, ଆଭାସି ମାଧ୍ୟମରେ ସ୍ଥିତିର ସମିକ୍ଷା କରି ଜିଲ୍ଲାପାଳଙ୍କୁ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ମନ୍ତ୍ରୀ ଗତକାଲି ମୟୁରଭଞ୍ଜ ଜିଲ୍ଲା ଗସ୍ତ କରି ବିଶେଷ ଭାବରେ ପ୍ରଭାବିତ ବିଶୋଇ ଓ ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରିଛନ୍ତି । ଜିଲ୍ଲା ପ୍ରଶାସନ ସହ ରିଲିଫ ପରିଚାଳନାର ସମିକ୍ଷା କରି ଜିଲ୍ଲା ପ୍ରଶାସନକୁ ତୁରନ୍ତ ସହାୟତା ରାଶି ହିତାଧିକାରୀମାନଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ।

# ପୁରୀରେ ହେବ ବିମାନବନ୍ଦର

ଭୁବନେଶ୍ୱର, ୨୪।୩(ମହାଭାରତ): ପୁରୀରେ ଏକ ବିମାନବନ୍ଦର ହେବାକୁ ଯାଉଛି ବୋଲି ଆଜି ବିଧାନସଭାରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିଶ୍ଚିତ କରିଛନ୍ତି। ପରିବହନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ବେଳେ ମନ୍ତ୍ରୀ ଅଂଶଗ୍ରହଣ କରି କହିଛନ୍ତି ଯେ, ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ହେବାକୁ ଯାଉଛି ଓ ଏହାର ବିକାଶ ପାଇଁ ୧,୧୬୪ ଏକର ଜମି ଚିହ୍ନଟ ହୋଇଛି । ଏହି ପ୍ରକଳ୍ପଟି ଅଞ୍ଚଳର ଭିତ୍ତିଭୂମିରେ ଯଥେଷ୍ଟ ଉନ୍ନତି, ସଂଯୋଗ ବୃଦ୍ଧି ଏବଂ ପର୍ଯ୍ୟଟନ ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ୩୭୯୪ କୋଟି ବ୍ୟୟ କରାଯିବ। ରାଜ୍ୟ ସରକାର ୩୮୨ କୋଟି ଟଙ୍କା ବଣ୍ଟନ କରିଛନ୍ତି। ଏଥିରେ ପାରାଦୀପ ନ୍ୟୁ ଗ୍ରୀନଫିଲ୍ଡ ବିମାନ ବନ୍ଦର, ଜୟପୁର, ଦଣ୍ଡାବୋଷ, ରଙ୍ଗେଇଲୁଣ୍ଡା, ତୁଷୁରା ଓ ପୁରୀରେ ଦ୍ୱିତୀୟ ଆନ୍ତର୍ଜାତିକ ଏୟାର ପୋର୍ଟ ନିର୍ମାଣ କରାଯିବ।

ପୁରୀର ପ୍ରସ୍ତାବିତ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପାସରୁବାଲି ଏବଂ ଷଣ୍ଢପୁର ଅଞ୍ଚଳରେ ୨୨୧ ଏକର ଜମି ଅଧିଗ୍ରହଣ କରିବାକୁ ଓଡ଼ିଶା ସରକାର ସ୍ଥିର କରିଛନ୍ତି। ଚଳିତ ମାସ ଅରରମ୍ଭରେ ଏକ ବିଜ୍ଞପ୍ତିରେ ପୁରୀ ସବ୍-କଲେକ୍ଟର ରାଜକିଶୋର ଜେନା ଘୋଷଣା କରିଥିଲେ ଯେ ଜମି ଅଧିଗ୍ରହଣ ପାଇଁ ଜନ ଶୁଣାଣି ଧାର୍ଯ୍ୟ କରାଯାଇଛି। ସିପାସାରୁବାଲିଙ୍କ ପ୍ରଥମ ଶୁଣାଣି ମାର୍ଚ୍ଚ ୨୧ ରେ ଗାଁ ପଡ଼ିଆରେ ଏବଂ ଦ୍ୱିତୀୟ ଥର ପାଇଁ ଷଣ୍ଢପୁର ପାଇଁ ମାର୍ଚ୍ଚ ୨୮ ରେ ଗାଁର କଲ୍ୟାଣ ମଣ୍ଡପରେ ହେବ। ପ୍ରଭାବିତ ପରିବାରମାନଙ୍କ ପାଇଁ ପୁନର୍ବାସ ପ୍ୟାକେଜରେ ଅନେକ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ ବିସ୍ଥାପନ ଭତ୍ତା: ବିସ୍ଥାପିତ ପରିବାର ପାଇଁ ୫ ଲକ୍ଷ ଟଙ୍କା, ଗୃହ ସହାୟତା: ଏକ ନୂତନ ଗୃହ ନିର୍ମାଣ ପାଇଁ ୩.୩୯ ଲକ୍ଷରୁ ଅଧିକ ଟଙ୍କା, ସ୍ଥାନାନ୍ତର ସହାୟତା: ଘରୋଇ ସାମଗ୍ରୀ ପରିବହନ ଏବଂ ସ୍ଥାନାନ୍ତର ପାଇଁ ୧.୧୩ ଲକ୍ଷ ଟଙ୍କା, ୪ ଜୀବିକା ସହାୟତା: ଏକ ବର୍ଷ ପାଇଁ ଜୀବିକା ନିର୍ବାହ ପାଇଁ ୫୪,୩୦୦ ଟଙ୍କା, ବ୍ୟବସାୟ ସହାୟତା: ଦୋକାନ ପ୍ରତିଷ୍ଠା ପାଇଁ ୨୫,୦୦୦ ଟଙ୍କା।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



## ଖବର

# ଯନ୍ତ୍ରଣାଦାୟକ ଚିତ୍କାର ଶୁଣି ଥରି ଉଠୁଛି ଛାତି, ଆସିଲା 'କେସରୀ ୨' ଟିଜର



ଅକ୍ଷୟ କୁମାର ଅଭିନୀତ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨: ଦି ଅନଟୋଲ୍ଡ ଷ୍ଟୋରୀ ଅଫ୍ ଜାଲିଆନୱାଲା ବାଗ'ର ଟିଜର ସୋମବାର ରିଲିଜ୍ ହୋଇଛି। କରଣ ସିଂହ ତ୍ୟାଗୀ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ୧୯୧୯ ମସିହା ଏପ୍ରିଲ ୧୩ ତାରିଖରେ ଘଟିଥିବା ଜାଲିଆନୱାଲା ବାଗ ହତ୍ୟାକାଣ୍ଡ ପରବର୍ତ୍ତୀ ଘଟଣାକ୍ରମ ଉପରେ ଆଧାରିତ। ଟିଜରରେ ଫିଲ୍ମର କାହାଣୀର ଝଲକ୍ ଦେଖିବାକୁ ମିଳିଛି।୧ ମିନିଟ୍ ୨୯ ସେକେଣ୍ଡର ଏହି ଟିଜରର ପ୍ରଥମ ୩୦ ସେକେଣ୍ଡର ଭିଡିଓ ଦର୍ଶକଙ୍କ ହୃଦୟ ଥରାଇ ଦେଇଛି। ଭିଡିଓଟି ଯନ୍ତ୍ରଣାଦାୟକ ଚିତ୍କାରରୁ ଆରମ୍ଭ ହୋଇଛି, ଯେଉଁଥିରେ କୌଣସି ଦୃଶ୍ୟ କିମ୍ବା କୌଣସି ଶୀର୍ଷକ ନାହିଁ, କେବଳ ଲୋକମାନଙ୍କର ଚିତ୍କାର ଏବଂ କାନ୍ଦିବାର ଶବ୍ଦ ଶୁଣାଯାଉଛି, ଯାହା ଜାଲିଆନୱାଲା ବାଗ ହତ୍ୟାକାଣ୍ଡର ଦୃଶ୍ୟକୁ ମନେ ପକାଇ ଦର୍ଶକଙ୍କ ହୃଦୟ ଥରାଇ ଦେଉଛ। ଟିଜର ଏକ ଡିସ୍କ୍ଲେମର ସହ ମଧ୍ୟ ଆରମ୍ଭ ହେଉଛି, ଯେଉଁଥିରେ ଲେଖା ହୋଇଛି, ''ଏହି ଦୃଶ୍ୟଗୁଡ଼ିକ ଦେଖାଇବା ବହୁତ ଭୟଙ୍କର।''ଫିଲ୍ମରେ ଅକ୍ଷୟ ସାର୍ ସି. ଶଙ୍କରନ୍ ନାୟର ଭୂମିକାରେ ଅଭିନୟ କରିଛନ୍ତି, ଯିଏ କି ଜଣେ ନିର୍ଭୀକ ଓକିଲ। ପୁଷ୍ପା ପଲାତ ଓ ରଘୁ ପଲାତଙ୍କ ପୁସ୍ତକ 'ଦି କେସ୍ ଦାଟ୍ ଶୁକ୍ ଦି ଏମ୍ପାୟର' ଉପରେ ଆଧାରିତ 'କେସରୀ ଚାପ୍ଟର ୨' ଧର୍ମା ପ୍ରଡକ୍ସନ୍ସ, କେପ୍ ଅଫ୍ ଗୁଡ୍ ଫିଲ୍ମସ୍ ଏବଂ ଲିଓ ମିଡିଆ କଲେକ୍ଟିଭ୍ ଦ୍ୱାରା ନିର୍ମିତ। ଏଥିରେ ଅକ୍ଷୟ କୁମାରଙ୍କ ସହ ଆର. ମାଧବନ ଓ ଅନନ୍ୟା ପାଣ୍ଡେ ମଧ୍ୟ ଅଛନ୍ତି। ଚଳିତ ବର୍ଷ ଏପ୍ରିଲ ୧୮ରେ ପରଦାକୁ ଆସିବ 'କେସରୀ ଚାପ୍ଟର ୨'।

## ପୌରାଣିକ ଅଶ୍ୱ ଉଚ୍ଚୈଶ୍ରବା



ଉଚ୍ଚୈଶ୍ରବା ଏକ ପୌରାଣିକ ଅଶ୍ୱ । ସମୁଦ୍ର ମନ୍ଥନରୁ ଏହାର ଉତ୍ପତି ହୋଇଥିଲା। ପୌରାଣିକ ମାନ୍ୟତା ଅନୁଯାୟୀ, ଉଚ୍ଚୈଶ୍ରବା ଅଶ୍ୱର ୭ଟି ମୁଖ ଥିଲା। ଅସୁର ରାଜା ବଳି ଏବଂ ଦେବରାଜ ଇନ୍ଦ୍ର ଏହି ଅଶ୍ୱର ଅଧିକାରୀ ହୋଇଥିଲେ ବୋଲି ପୁରାଣରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି। "ଉଚ୍ଚୈଶ୍ରବା"ର ଅର୍ଥ ହେଉଛି ଯାହାର ଯଶ ଉଚ୍ଚରେ, ଯାହାର କାନ ଉର୍ଦ୍ଧ୍ୱମୁଖୀ ଏବଂ ଯିଏ ଉଚ୍ଚ ସ୍ୱରରେ ଶୁଣିଥାଏ । ଉଚ୍ଚୈଶ୍ରବା ଅଶ୍ୱର ବର୍ଣ୍ଣ ଶ୍ୱେତ ଥିଲା। ପୁରାଣରେ ବର୍ଣ୍ଣିତ ୧୪ଟି ରତ୍ନ ମଧ୍ୟରୁ ଉଚ୍ଚୈଶ୍ରବା ଅନ୍ୟତମ ଥିଲା। ସମୁଦ୍ର ମନ୍ଥନ ସମୟରେ କ୍ଷୀର ସାଗରରୁ ଏହି ୧୪ଟି ରତ୍ନ ଉତ୍ପନ୍ନ ହୋଇଥିଲେ। ଅମୃତ ଦ୍ୱାରା ଉଚ୍ଚୈଶ୍ରବାର ପୋଷଣ ହୋଇଥିଲା। ସେ ଅଶ୍ୱମାନଙ୍କର ରାଜା । ସମୁଦ୍ର ମନ୍ଥନରୁ ଉଚ୍ଚୈଶ୍ରବା ଅଶ୍ୱ ବ୍ୟତୀତ ଦେବୀ ଲକ୍ଷ୍ମୀ ଏବଂ ଚନ୍ଦ୍ରମାଙ୍କ ଉତ୍ପତି ମଧ୍ୟ ହୋଇଥିଲା। ଲକ୍ଷ୍ମୀଙ୍କ ପରେ ଉଚ୍ଚୈଶ୍ରବା ଅଶ୍ୱର ଉତ୍ପତ୍ତି ହେଲା। ଉଚ୍ଚୈଶ୍ରବା ଅଶ୍ୱ ପରେ ସମୁଦ୍ର ଗର୍ଭରୁ କୌସ୍ତୁଭ ମଣି ବାହାରିଥିଲା। ଏହି ମଣି ଭଗବାନ ବିଷ୍ଣୁଙ୍କ ହୃଦୟରେ ଶୋଭା ପାଇଥିଲା। ଉଚ୍ଚୈଶ୍ରବା ବ୍ୟତୀତ ସମୁଦ୍ର ମନ୍ଥନରୁ ଐରାବତ ହାତୀର ମଧ୍ୟ ଉତ୍ପତ୍ତି ହୋଇଥିଲା। ଯାହାର ଅଧିକାରୀ ହୋଇଥିଲେ ଦେବରାଜ ଇନ୍ଦ୍ର ।

# ଶ୍ରୀଜଗନ୍ନାଥଙ୍କ ଚକ୍ର



ଶ୍ରୀଜଗନ୍ନାଥଙ୍କ ଚକ୍ର

ଜଗନ୍ନାଥଙ୍କୁ ଅନେକ ଚକ୍ରୀ ବୋଲି କୁହାଯାଏ। କାରଣ ସେ ସଦାସର୍ବଦା ଚକ୍ର ଧାରଣ କରିଥାନ୍ତି। ବାମନ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦୁର୍ଦ୍ଦାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ବିଶେଷ ଶକ୍ତି ଦରକାର ବୋଲି ବିଷ୍ଣୁ ସବୁ ଦେବତାଙ୍କୁ ଜଣାଇଥିଲେ । ଫଳରେ ଦେବତାମାନେ ମିଶି ନିଜ ନିଜର ଶକ୍ତିଙ୍କୁ ଏକତ୍ରିତ କରି ଯେଉଁ ଆୟୁଧକୁ ସୃଷ୍ଟି କରିଥିଲେ ତାହାର ନାମ ଥିଲା ଚକ୍ରୀ। କିନ୍ତୁ ମତ୍ସ୍ୟ ପୁରାଣର ବର୍ଣ୍ଣନା ଅନୁସାରେ ସୂର୍ଯ୍ୟ ଦେବତା ନିଜର ତେଜ ଶକ୍ତିକୁ କିଛି ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ଆରାଧନା କରିଥିଲେ। ତେଣୁ ବିଷ୍ଣୁ ସୂର୍ଯ୍ୟଙ୍କର ତେଜକୁ କିଛି ପ୍ରଶମିତ କରିଥିଲେ। ସେଥିରୁ ଯେଉଁ ଶକ୍ତି ସୂର୍ଯ୍ୟ ବାହାର କରିଥିଲେ ତାକୁ ୩ ଭାଗରେ ବିଭକ୍ତ କରି ଗୋଟିଏ ଭାଗକୁ ସୁଦର୍ଶନ ଚକ୍ର କରି ବିଷ୍ଣୁଙ୍କୁ ଦେଲେ, ଆଉ ଗୋଟିଏ ଅଂଶକୁ ତ୍ରିଶୂଳ ରୂପ ଦେଇ ରୁଦ୍ରଙ୍କୁ ଏବଂ ଆଉ ଗୋଟିଏ ଅଂଶକୁ ବଜ୍ରରୂପ ଦେଇ ଇନ୍ଦ୍ରଙ୍କ ହାତରେ ଅର୍ପଣ କରିଥିଲେ। ତେଣୁ ଏହିଠାରୁ ସୁଦର୍ଶନ ଚକ୍ର ଆର୍ବିଭୂତ ହୋଇଥିଲା। ଏହି ଚକ୍ର, ବିଷ୍ଣୁଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରେ ନାହିଁ। ଏଥିରେ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଓ ସମସ୍ତ ବିଘ୍ନ ବିନାଶ ହୋଇଥାଏ। ଏହା ସର୍ବଶକ୍ତିମାନ ଆୟୁଧ ଯାହା ଜଗନ୍ନାଥଙ୍କ ବାମ ପାଖରେ ପୂଜା ପାଇଥାନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସୁଦର୍ଶନ ଚକ୍ରର ବିଶେଷ ମହତ୍ତ୍ୱ ରହିଛି । ଏହା ଶ୍ରୀଜିଉଙ୍କ ଅବିଚ୍ଛେଦ୍ୟ ଅଂଶ ।

# ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

# କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ



ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

# ବିରୋଧି ଦଳର ଅଧିକାରକୁ ସରକାର ଛଡାଇପାରିବେ ନାହିଁ



**ଭୁବନେଶ୍ୱର, ୨୪।୩ (ମହାଭାରତ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ବିଧାୟକମାନଙ୍କର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ୍ କହିଲେ ଯେ,ଓଡ଼ିଶା ଆଜି ଏକ ହିଂସାପ୍ରବଣ ରାଜ୍ୟ ରୂପେ ସାରା ଦେଶରେ ଅପବାଦର ଟିକା ପିନ୍ଧିସାରିଲାଣି। ପ୍ରତିଦିନ ଖବର କାଗଜରେ ପ୍ରଥମ ପୃଷ୍ଠାରେ ନା' ବାଳିକା ଝିଅକୁ ଗଣଧର୍ଷଣ ବା ଧର୍ଷଣର ସମ୍ବାଦ ପରିବେଷଣ ହେଉଛି। ଏ ସବୁ ସତ୍ତ୍ୱେ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବିଧାନସଭାର ଅଧକ୍ଷାଙ୍କୁ ସୁଭଦ୍ରା ମାନଙ୍କର କରୁଣା ଚିତ୍କାର ଶୁଭୁନାହିଁ। ନାରୀକୁ ସୁରକ୍ଷା ଓ ସ୍ୱାବଲମ୍ବିର ପ୍ରତିଶ୍ରୁତ ଦେଇ କ୍ଷମତାକୁ ଆସିଥିବା ବିଜେପି ଦଳର ସରକାର ଏ କଥାକୁ ୯ ମାସ ଭିତରେ ସଂପୂର୍ଣ୍ଣ ଭୁଲିଯାଇଛନ୍ତି। କଂଗ୍ରେସ ଦଳ ରାଜ୍ୟରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚର ପ୍ରତିବାଦରେ ବିଧାନ ସଭା ଭିତରେ ଯେଉଁ ଆଲୋଚନା କରିବା ପାଇଁ ଦାବୀ ରଖିଥିଲେ, ସରକାର ବିରୋଧି ଦଳର ଦାବିକୁ ଆଗ୍ରାହକଲେ। ପ୍ରତିବଦଳରେ ସରକାରୀ ଦଳର ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଆଚରଣ ଓ ଉଚ୍ଚାରଣ ସାରା ରାଜ୍ୟ ଦେଖିଲା। କଂଗ୍ରେସ ଦଳର ବିଧାୟକମାନଙ୍କୁ ପ୍ରାୟୋଜିତ କାର୍ଯ୍ୟକ୍ରମ ଅନୁସାରେ ଆକ୍ରମଣ କରିବା ସହିତ ଅଶୀଳ ଭାଷାରେ ଗାଳିଗୁଲଜ କଲେ। ଏହାକୁ ନେଇ କଂଗ୍ରେସ ଦଳ ଦୁଇଟି ଦାବି ଉପସ୍ଥାପନ କଲେ। (୧) ମହିଳା ଅତ୍ୟାଚାରକୁ ନିୟନ୍ତ୍ରଣ କରିବା ନିମନ୍ତେ ଏକ ଗୃହ କମିଟି ଗଠନ କରାଯାଉ ଏବଂ ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ଅତ୍ୟଚାର ସଂପର୍କରେ ତାଙ୍କର ବିବୃତି ଗୃହରେ ଉପସ୍ଥାପନ କରନ୍ତୁ। କିନ୍ତୁ ଏ କଥାକୁ ସରକାରୀ ଦଳ ଆଜିପର୍ଯ୍ୟନ୍ତ ଗ୍ରହଣ କଲା ନାହିଁ। ପ୍ରତିବଦଳରେ କଂଗ୍ରେସ ବିଧାୟକଙ୍କୁ ଗୃହରୁ ୭ ଦିନ ପାଇଁ ନିଲମ୍ବନ କଲାଗଲା। ଦୋଷ କଲା କିଏ ଦଣ୍ଡ ପାଇଲା କିଏ? ବରିଷ୍ଠ କଂଗ୍ରେସ ବିଧାୟକ ଶ୍ରୀ ତାରାପ୍ରସାଦ ବାହିନିପତି କହିଲେ ଯେ, ବିଧାନସଭା ଭିତରେ ବିଜେପି ଦଳ ରାଜ୍ୟର ମହିଳାମାନଙ୍କ ପ୍ରତି ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ମହିଳା ଅତ୍ୟାଚାର ବୃଦ୍ଧି ପ୍ରସଙ୍ଗକୁ ନେଇ ଆମେ ଦାବି ଉପସ୍ଥାପନ କଲାବେଳେ ବିଜେପି ବିଧାୟକମାନେ ହିଂସ୍ର ହୋଇ ଉଠିଥିଲେ। ଏ କଥା ରାଜ୍ୟର ଘରେ ଘରେ ମହିଳାମାନେ ଗଣମାଧ୍ୟମରେ ଦେଖିଛନ୍ତି। କଂଗ୍ରେସ ଦଳ ବିଧାନସଭା ଭିତରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଉଛି ତାହା କିପରି ଗଣମାଧ୍ୟମରେ ପ୍ରକାଶ ନ ପାଇବ ସେଥିପାଇଁ ସରକାର ବିଧିବଦ୍ଧ ଷଡଯନ୍ତ୍ର କରୁଛନ୍ତି। ରାଜ୍ୟର କୃଷକ, ଶ୍ରମିକ, ଛାତ୍ର ଓ ମହିଳା ସମସ୍ତଙ୍କର ଅଧିକାର ଅଛି। ବିଧାନସଭାରେ ଘଟୁଥିବା ଘଟଣା ଜାଣିବା ପାଇଁ ଯାକୁ କାହିଁକି ଚାପି ଦିଆଯାଉଛି। ଏହା ସଂପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ। ସରକାର ଭଗବାନ ନୁହଁନ୍ତି। ଏ ରାଜ୍ୟର ଜନସାଧାରଣ ସରକାର ଗଢ଼ିଛନ୍ତି ଓ ବିରୋଧିଦଳର ଦାୟିତ୍ୱ ଓ ଅଧିକାର ଆମକୁ ଦେଇଛନ୍ତି। ବିଧାନସଭା ବିଜେପି ଦଳର ବ୍ୟକ୍ତିଗତ ସଂପତି ନୁହେଁ। କାର୍ଯ୍ୟକ୍ରମରେ ବିଧାୟକ ଦାଶରଥି ଗମାଙ୍ଗୋ, ଅଶୋକ ଦାସ, ସାଗର ଦାସ, ସୋଫିଆ ଫିରଦୋଷ, ମଙ୍ଗୁ ଖିଲୋ, କାଡ୍ରାକା ଆପାଲସ୍ୱାମୀ, ସତ୍ୟଜିତ ଗାମାଙ୍ଗୋ, ପବିତ୍ର ସାଉଁଟା, ପ୍ରଫୁଲ ପ୍ରଧାନ ଓ ନିଳମାଧକ ହିକ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ବିହାର ରାଜ୍ୟ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ୨୪।୩ (ମହାଭାରତ):** ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ବିହାର ରାଜ୍ୟର ଅଧିବାସୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଥିଲେ। ଏକ ଉତ୍ସବ ମୁଖରିତ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ବିବିଧତା ମଧ୍ୟରେ ଏକତା ଭାରତର ବିଶେଷତ୍ୱ ଏବଂ ଆମ ଗୌରବ। ଭାରତର ଇତିହାସ, ସଂସ୍କୃତି, ଐତିହ୍ୟ ଏବଂ ବିକାଶ ପ୍ରତି ବିହାରର ଭୂମିକା ଉଲ୍ଲେଖନୀୟ। ଏହା ହେଉଛି ପ୍ରାଚୀନ ସଭ୍ୟତାର ଜନ୍ମସ୍ଥଳୀ ଏବଂ ଅନେକ ମହାପୁରୁଷ ତଥା ଗୁଣୀଜ୍ଞାନୀଙ୍କୁ ଜନ୍ମ ଦେଇ ବିହାର ମାଟି ଧନ୍ୟ ହୋଇଛି। ନାଳନ୍ଦା ଏବଂ ବିକ୍ରମଶିଳା ଭଳି ପ୍ରାଚୀନ ବିଶ୍ୱବିଦ୍ୟାଳୟ, ଆଧ୍ୟାତ୍ମିକ ପୀଠସ୍ଥଳୀ ପାଇଁ ଏ ମାଟି ଗର୍ବିତ ହୋଇଛି। ଏପରି କାର୍ଯ୍ୟକ୍ରମ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରୁଅଛି ଏବଂ ବିବିଧ ସାଂସ୍କୃତିକ ପରଂପରା ଓ ଆକାଂକ୍ଷାକୁ ଏକ ଜାତୀୟ ପରିଚୟରେ ଏକତ୍ରିତ କରୁଛି। ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଓ ଆନନ୍ଦ ବାଟିଂବାର ପର୍ବ ଯାହା ଆମର ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ।

ଏତଦ୍‌ବ୍ୟତୀତ ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ବିହାର ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ନିର୍ମାଣ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷମାନଙ୍କ ଓଡିଶାର ବୌଦ୍ଧିକ ଓ ସାଂସ୍କୃତିକ ବିକାଶରେ ଅଂଶ ଗ୍ରହଣ ଓ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ବିହାର ଏକ ଭୌଗଳିକ ଭୂଖଣ୍ଡ ନୁହେଁ ବରଂ ପରଂପରା, ଉତ୍କର୍ଷ କଳା ଓ ଗଭୀର ମୂଲ୍ୟବୋଧର ଗନ୍ତାଘର। ଓଡ଼ିଶା ଓ ବିହାର ମଧ୍ୟରେ ଥିବା ଐତିହାସିକ, ସାମାଜିକ ଓ ଅର୍ଥନୈତିକ ସଂପର୍କ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏପରି ଦିବସ ପାଳନ ଉଭୟ ରାଜ୍ୟ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ଼ କରିବ। ଏକ ବିକଶିତ ଭାରତ ଗଠନରେ ଉଭୟ ରାଜ୍ୟର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିହାର ଏବଂ ଓଡ଼ିଶାର ଯୁବ ପିଢ଼ି ସେମାନଙ୍କର ଆକାକ୍ଷାଂ ଓ ପ୍ରତିଭା ସହିତ ଏକ ସମାବେଶୀ ଏବଂ ଗତିଶୀଳ ଭାରତ ଗଠନ ପାଇଁ ଯୋଗଦାନ ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି।

# ତୋଇ ଓହୋମାଇ ଇନ୍‌ଷ୍ଟିଚ୍ୟୁଟ୍ ଓ କିଟ୍ ମଧ୍ୟରେ ଏମ୍‌ଓୟୁ



**ଭୁବନେଶ୍ୱର, ୨୪।୩ (ମହାଭାରତ):** ନିଉଜିଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟଫର ଲକ୍‌ସନ, ତେ ପୁକେଙ୍ଗା-ନିଉଜିଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍‌ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଗସ ଗିଲମୋର, ନିଉଜିଲାଣ୍ଡ ଟ୍ରେଡ୍ ଆଣ୍ଡ ଏଣ୍ଟରପ୍ରାଇଜ୍ର କନସୁଲ ଜେନେରାଓ ଓ ଟ୍ରେଡ୍ କମିଶନର ଗ୍ରାହମ ରାଉଜ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ରିଲେସନ୍‌ସ ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ବୁଝାମଣା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମିଳିତ ଗବେଷଣା ଏବଂ ଅଧ୍ୟାପକ ବିନିମୟ ପାଇଁ ନୂତନ ପଥ ଖୋଲିବ, ଯାହା ଦ୍ୱାରା ଶୈକ୍ଷିକ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ ପରିଚିତି ବୃଦ୍ଧି ପାଇବ। ଏହା ସହିତ ଦକ୍ଷତା ବିକାଶ, ଏଆଇ ସମନ୍ୱୟ ଏବଂ ବୃତ୍ତିଗତ ଶିକ୍ଷା ଉପରେ ଭାରତର ଅଧିକ ଧ୍ୟାନ ସହ ଏହି ବୁଝାମଣା ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବୁଝାମଣା ସମୟରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ନିଶ୍ଚିତ ସାର୍ଥକ ଫଳାଫଳ ପ୍ରଦାନ କରିବ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ସେହିପରି ନୂଆଦିଲ୍ଲୀଠାରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତିଙ୍କ ସହ ଏକ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଶିକ୍ଷା ଜରିଆରେ କରାଯାଇଥିବା ସାମାଜିକ ପରିବର୍ତ୍ତନର ପ୍ରଶଂସା କରିଥିଲେ।

# ବଦଳିବ ସ୍କୁଲ ସିଲାବସ୍

**ଭୁବନେଶ୍ୱର, ୨୪।୩ (ମହାଭାରତ):** ରାଜ୍ୟରେ ଏନଇପି ଲାଗୁ ଏବଂ ନୂଆ। ସିଲାବସ୍ ନେଇ ପିଲାଙ୍କ ମନରେ ଦ୍ୱନ୍ଦ୍ୱ ରହିଥିବା ବେଳେ ଏନେଇ ଆଜି ସ୍ପଷ୍ଟିକରଣ ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏ ବର୍ଷ ଏପ୍ରିଲରେ ରାଜ୍ୟରେ ଏନଇପି ଲାଗୁ ନେଇ ଚର୍ଚ୍ଚାରେ ମନ୍ତ୍ରୀ କହିଛନ୍ତି, ୨୦୨୬-୨୭ ଶିକ୍ଷା ବର୍ଷରେ ଲାଗୁହେବ ନୂଆ। ସିଲାବସ୍। ପ୍ରଥମେ ଏନଇପି ଲାଗୁ ପରେ ସିଲାବସ୍ ପରିବର୍ତ୍ତନ ପାଇଁ କମିଟି ହୋଇଛି। ନୂଆ। ସିଲାବସ୍ ପରିବର୍ତ୍ତନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କର ପାଠ୍ୟ ଖସଡା ବଦଳିବ। ଭାଷା, ସଂସ୍କୃତି, ଐତିହ୍ୟକୁ ଆଧାର କରି ଏହି ନୂଆ। ସିଲାବସ୍ ଆସିବ ୟ ଏନେଇ କମିଟି ତର୍ଜମା କରୁଛି, ରାଜ୍ୟ ପାଇଁ ଯାହା ଠିକ୍ ହେବ ତାହା ତାହା ସ୍ଥାନ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ମନ୍ତ୍ରୀଙ୍କ ବୟାନ ପରେ ଆସନ୍ତା ଶିକ୍ଷାବର୍ଷରେ ଗଣଶିକ୍ଷା ବିଭାଗରେ ଏନଇପି ଲାଗୁ ହେବା ନେଇ ଆଶା ରହିଛି। ଜାତିୟ ଫ୍ରେମଓ୍ୱାର୍କକୁ ସଂପୂର୍ଣ୍ଣ ଅନୁସରଣ ନ କରି ରାଜ୍ୟର ଆବଶ୍ୟକତାକୁ ଦେଖି ପ୍ରସ୍ତୁତ ହେବ ଫ୍ରେମଓ୍ୱାର୍କ।

# ପୂରଣ ହେବ ୫,୮୨୨ ଡାକ୍ତର ପଦବୀ

**ଭୁବନେଶ୍ୱର, ୨୪।୩ (ମହାଭାରତ):** ରାଜ୍ୟର ଡାକ୍ତରଖାନା ଗୁଡ଼ିକରେ ଡାକ୍ତରଙ୍କ ଘୋର ଅଭାବ ମଧ୍ୟରେ, ସରକାର ୫,୮୨୨ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ଅନୁରୋଧ କରିଛନ୍ତି। ରାଜ୍ୟ ବିଧାନସଭାରେ ଏହା ଘୋଷଣା କରି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଓଡ଼ିଶା ଡାକ୍ତରଙ୍କର ଏକ ବଡ଼ ଅଭାବର ସମ୍ମୁଖୀନ ହେଉଛି। ବ୍ରହ୍ମଗିରିର ବିଜେପି ବିଧାୟକ ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ଅନୁମୋଦିତ ୧୯,୯୮୪ ଡାକ୍ତର ପଦବୀ ମଧ୍ୟରୁ ୬,୭୬୦ ପଦବୀ ଖାଲି ପଡ଼ିଛି। ମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ଓପିଏସସି ଖୁବ୍ ଶୀଘ୍ର ୫,୮୨୨ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞାପନ ପ୍ରକାଶ କରିବ। ଏହି ନିଯୁକ୍ତି ଅଭିଯାନ ରାଜ୍ୟବ୍ୟାପୀ ଡାକ୍ତରଖାନାଗୁଡ଼ିକରେ ଡାକ୍ତର ଅଭାବ ଦୂର କରିବାରେ ସାହାଯ୍ୟ କରିବ।

# ଆଇଏଫ୍‌ଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୪।୩ (ମହାଭାରତ):** ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଫିସର ସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁଯାୟୀ, ୧୯୯୩ ବ୍ୟାଚ୍ର ଆଇଏଫ୍‌ଏସ୍ ଅଫିସର ଉମା ନନ୍ଦୁରୀଙ୍କୁ ପିସିସିଏଫ୍(କେଏଲ୍) ଭାବେ ନିଯୁକ୍ତ କରାଯାଇଥିବା ବେଳେ ଉକ୍ତ ବ୍ୟାଚ୍ର ଆଇଏଫ୍‌ଏସ୍ ଅଫିସର ପ୍ରେମକୁମାର ଝା'ଙ୍କୁ ପିସିସିଏଫ (ବନ୍ୟପ୍ରାଣୀ) ଏବଂ ସିଡବ୍ଲ୍ୟୁଏଲ୍ଡବ୍ଲ୍ୟୁ ସହିତ ଓଡ଼ିଶା ବନନିଗମ ପରିଚାଳନା ନିର୍ଦ୍ଦେଶକ, ଡ. କେ. ମୃଗସେନଙ୍କୁ ପିସିସିଏଫ୍-ହପ୍ର ପିସିସିଏଫ୍, ଏଫଡ଼ିଓ ଆଞ୍ଚଳିକ ନିର୍ଦ୍ଦେଶକ, ମନୋଜ ଭି. ନାୟାରଙ୍କୁ ନନ୍ଦନକାନନ ନିର୍ଦ୍ଦେଶକ ସହ କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି. ରାଜେଶଙ୍କୁ ପରିବେଶ ନିର୍ଦ୍ଦେଶକ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଏମ୍. ଯୋଗଜୟାନନ୍ଦଙ୍କୁ ଭୁବନେଶ୍ୱର ମଣ୍ଡଳର ଆର୍ସିସିଏଫ୍ ସହିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀ, ସଞ୍ଜୟ କୁମାର ସ୍ୱାଇଁଙ୍କୁ ଅନୁଗୋଳ ମଣ୍ଡଳର ଭାରପ୍ରାପ୍ତ ଆର୍ସିସିଏଫ୍, ସୁଧାଂଶୁ ଶେଖର ଖୋରାଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ସଦସ୍ୟ ସଚିବ, ପି. ଆର୍ଥନାରୀଙ୍କୁ କଟକ ବନସଂରକ୍ଷକ (କେଏଲ୍) ସହିତ ଭୁବନେଶ୍ୱର କେନ୍ଦ୍ରୀୟ ଜୋନ୍ର ମହାପ୍ରବନ୍ଧକ, ବିଶ୍ୱନାଥ ନୀଲାନାଭରଙ୍କୁ ବ୍ରହ୍ମପୁର ମଣ୍ଡଳର ଭାରପ୍ରାପ୍ତ ଆର୍ସିସିଏଫ୍, ଅନୁରାଗ ମିଶ୍ରଙ୍କୁ ଫୁଲବାଣୀ ଡିଏଫ୍‌ଓ(କେଏଲ), କେ. ନାଗରାଜୁଙ୍କୁ ପାରଳାଖେମୁଣ୍ଡି ବନଖଣ୍ଡର ଭାରପ୍ରାପ୍ତ ଡିଏଫ୍‌ଓ, ରେଢ଼ାଖୋଲ ଭାବେ ନିଯୁକ୍ତ କରାଯାଇଛି।

# ବନ୍ଧୁକ କାରଖାନାର ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୪।୩ (ମହାଭାରତ):** ଚଳିତ ମାସ ୧୩ ତାରିଖରେ କଟକ ବୟାଳିଶ ମୌଜାରୁ ଠାବ ହୋଇଥିଲା ଚୋରା ବନ୍ଧୁକ କାରଖାନା। ବେଣ୍ଟକର ଥାନା ଧୂଳେଶ୍ୱର ଗାଁ ସୁିଅ। ନଦୀ କୂଳରେ ଏକ ଚାଳ ଛପର ଗୁହାଳ ଘରେ ଚାଲିଥିଲା ଏହି ମିନି ମାଉଜର୍ ଫ୍ୟାକ୍ଟ୍ରି। ଏହି ମାମଲାରେ କ୍ରାଇମବ୍ରାଞ୍ଚ୍ ଏସଟିଏଫ୍ କାରଖାନାରେ ନିୟୋଜିତ ଥିବା ବିହାରୀ କାରିଗରଙ୍କ ସମେତ ୪ଜଣଙ୍କୁ ଜେଲ୍ ହାଜତକୁ ପଠାଇସାରିଛି। କିନ୍ତୁ ଏହି ଭୟଙ୍କର ଆଗ୍ନେୟାସ୍ତ୍ର ବେପାରର ମୁଖ୍ୟ ଚାଲାଣକାରୀ ଧରାପଡ଼ି ନଥିଲା। ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଏହି କାରବାରର ନେଟ୍‌ୱର୍କ ବିଛାଇଥିବା ଚାଲାଣକାରୀ ଚଗଲା ଖୁଣ୍ଟିଆକୁ ଠାବ କରିଛି ଏସଟିଏଫ୍। କଟକ ଶଙ୍କରପୁରର ଦୁର୍ଦ୍ଦାନ୍ତ ଚଗଲାକୁ ଏସ୍ଟିଏଫ୍ ସ୍କ୍ୱାଡ୍ ବିହାରରୁ ଉଠାଇଛି। ତା' ମୋବାଇଲରୁ ଏହି କାରବାର ବାବଦରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ବନ୍ଧୁକ କାରଖାନା ଠାବ ହେବା ପରେ ଏସଟିଏଫ୍ ପଞ୍ଝାରେ କେବଳ ଗୁହାଳ ଘର ମାଲିକ ଓ ୩ଜଣ ବିହାରୀ କାରିଗର ପଡ଼ିଥିଲେ। ଚଉ ବେଳେ ବିଭିନ୍ନ ସାଇଜର ୩୦ରୁ ଅଧିକ ଅର୍ଦ୍ଧନିର୍ମିତ ବନ୍ଧୁକ ଜବତ କରାଯାଇଥିଲା। ଏତେ ସଂଖ୍ୟକ ବନ୍ଧୁକ କେଉଁ ବଜାରକୁ ଯାଉଥିଲା, ତାହା ଥିଲା ବେଶି ଗୁରୁତ୍ୱପୂର୍ଣ୍ଣ। ଚଗଲା ବାବଦରେ ସୂଚନା ମିଳିବା ପରେ ପୁଲିସ ତାକୁ କଟକରେ ଦରାଣ୍ଡିବା ଆରମ୍ଭ କରିଥିଲା। କିନ୍ତୁ ତାକୁ ବିହାରରୁ ଗିରଫ କରାଯାଇଛି। ପୁଲିସ ସୂଚନାନୁସାରେ ପୂର୍ବରୁ ଚଗଲା ଜଣେ ଲଟେରି ବ୍ୟବସାୟୀ ଥିଲା। ୨୦୧୫ ମସିହାରେ ବାଦାମବାଡ଼ିରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାରେ ସେ ଗିରଫ ହୋଇଥିଲା। ଜେଲ୍ ରହଣି ଭିତରେ ସେ ଏହି ବିହାରୀ ବନ୍ଧୁକ ତିଆରି ଗ୍ୟାଙ୍ଗର କିଛି ସଦସ୍ୟଙ୍କ ସହ ପରିଚିତ ହୋଇଥିଲା। ୨୦୨୦ ମସିହାରେ ସେ ଜାମିନ ପାଇ ଜେଲ୍ରୁ ମୁକୁଳିଥିଲା ଏବଂ ବୟାଳିଶି ମୌଜା ବନ୍ଧୁକ କାରବାର ରାକେଟ୍ରେ ଯୋଡ଼ି ହୋଇଥିଲା। ଓଡ଼ିଶାରୁ କୋଲକାତା ଦେଇ ସେ ବିହାର, ଝାଡ଼ଖଣ୍ଡକୁ ବନ୍ଧୁକ ଚାଲାଣ କରୁଥିଲା। ପରେ ଛତିଶଗଡ଼କୁ ତା'ର ନେଟ୍‌ୱର୍କରେ ଯୋଡ଼ିଥିଲା। ସେ ହ୍ୱାଟ୍ସଆପ୍ରେ ବନ୍ଧୁକର ଚିତ୍ର ତଥା ଡିଜାଇନ୍ ପଠାଉଥିଲା ଏବଂ ତାହା ଦେଖି କିଣିବାକୁ ଚାହୁଁଥିବା ଅପରାଧୀମାନେ ସେମାନଙ୍କ ପସନ୍ଦ ଅନୁସାରେ ବନ୍ଧୁକ ବରାଦ କରୁଥିଲେ। ଚଗଲା ମୋବାଇଲ୍ରୁ ବହୁ ଅପରାଧୀଙ୍କ ସୂଚନା ମିଳିଛି। ବିଶେଷକରି ଅନ୍ତଃରାଜ୍ୟ ଅପରାଧୀମାନଙ୍କ ତାଲିକା ଚଗଲା ମୋବାଇଲରେ ମହଜୁଦ ଥିବା ଜଣାପଡ଼ିଛି। ବହୁ ହାର୍ଡକୋର୍ ଅପରାଧୀମାନେ ଚଗଲାଠାରୁ ବନ୍ଧୁକ କିଣିଥିବା ଜଣାପଡ଼ିଛି।

# ରେଳପଥର ୨୫୦ ନିଯୁତ ଟନ ପଣ୍ୟ ପରିବହନ




**ଭୁବନେଶ୍ୱର, ୨୪।୩ (ମହାଭାରତ):** ପୂର୍ବତଟ ରେଳପଥ ପୁଣି ଥରେ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ ଦିନ ପୂର୍ବରୁ ୨୫୦ ନିଯୁତ ଟନ୍ ମୂଳ ପଣ୍ୟ ପରିବହନ ହାସଲ କରିବାରେ ଭାରତର ପ୍ରଥମ ରେଳ ଜୋନ୍ ହୋଇଛି। ପୂର୍ବତଟ ରେଳପଥର ପଣ୍ୟ ପରିବହନ ରେକର୍ଡ ଭାରତୀୟ ରେଳବାଇର ସମସ୍ତ ପୂର୍ବ ମାନଦଣ୍ଡକୁ ଅତିକ୍ରମ କରିଛି, ଯାହା ଦେଶର ସର୍ବୋଚ୍ଚ ପଣ୍ୟ ପରିବହନ କ୍ଷେତ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସଫଳତା ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିଯୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତାକୁ ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଏହି ଲକ୍ଷ ହାସଲ କରିଛି। ଉଲ୍ଲେଖନୀୟ ଯେ, ପୂର୍ବତଟ ରେଳପଥ କ୍ରମାଗତ ଷଷ୍ଠ ଥର ପାଇଁ ୨୦୦ ନିଯୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ୍ୟ ହାସଲ କରିଛି।

ଏହା ବ୍ୟତୀତ, ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଅଧିକାରକ୍ଷେତ୍ର ମଧ୍ୟରେ ୨୨୮.୩ ନିଯୁତ ଟନ୍ ମାଲ ପରିବହନ ମୁକ୍ତ/ଅନଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା, ପୂର୍ବତଟ ରେଳପଥ ଏହାର ଅଧିକାର କ୍ଷେତ୍ରରେ ୨୨୨.୪ ନିଯୁତ ଟନ୍ ମାଲ ପରିବହନ କରିଥିଲା।

ଏହି ଐତିହାସିକ ସଫଳତା ହାସଲ କରିବାରେ ପୂର୍ବତଟ ରେଳବାଇର ତିନୋଟି ରେଳ ମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରମୁଖ ପଣ୍ୟ ପରିବହନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ୍ ଲିମିଟେଡର କୋଇଲା କ୍ଷେତ୍ର। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ପ୍ରମୁଖ ବନ୍ଦର: ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ୍ ଏବଂ ଗୋପାଳପୁର। ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ ମାଇଲଖୁଣ୍ଟ ହାସଲ କରିବାର ଏକ ଦୀର୍ଘକାଳୀନ ପରମ୍ପରା ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିଯୁତ ଟନ୍ ପଣ୍ୟ ପରିବହନ ଅତିକ୍ରମ କରିବାରେ ଏହା ଅବିଭକ୍ତ ଦକ୍ଷିଣ ପୂର୍ବ ରେଳବାଇ ପରେ ଦ୍ୱିତୀୟ ରେଳ ଜୋନ୍ ଥିଲାୟ ଆଜି, ଏହା ଲଗାତାର ଦୁଇ ବର୍ଷ ହେଲା ୨୫୦ ନିଯୁତ ଟନ୍ ପଣ୍ୟ ପରିବହନ ହାସଲ କରିବାରେ ପ୍ରଥମ ଜୋନ୍ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି।

# ସମ୍ବିଧାନ ଓ ଅଣସଂଗଠିତ ଶ୍ରମିକଙ୍କ ଅଧିକାର ଶୀର୍ଷକ କର୍ମଶାଳା



**ଭୁବନେଶ୍ୱର, ୨୪।୩ (ମହାଭାରତ):** ସହରାଞ୍ଚଳରେ ବସବାସ କରୁଥିବା ଅଣସଂଗଠିତ ଶ୍ରମିକଙ୍କ ଅଧିକାର ତଥା ୭୪ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ ପ୍ରଦତ୍ତ ସୁବିଧା ସୁଯୋଗକୁ ନେଇ ସ୍ଥାନୀୟ ରେଡ୍‌କ୍ରସ୍ ଭବନ ଠାରେ ଆକ୍ସନ୍‌ଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ପରାମର୍ଶ ଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି । ଅତିଥି ଭାବରେ ୱାର୍ଡ ନଂ. ୧୩ର କର୍ପୋରେଟର ଇତିଶ୍ରୀ ଦାସ ଯୋଗଦାନ କରି ସାମ୍ବିଧାନିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ପତ୍ରକାର ସୁଦର୍ଶନ ଛୋଟରାୟ ଯୋଗଦାନ କରି ସହରାଞ୍ଚଳରେ ବସବାସ କରୁଥିବା ଶ୍ରମିକଙ୍କ ମୌଳିକ ସୁବିଧା ଉପରେ ବକ୍ତବ୍ୟ ରଖିଥିଲେ । ଏଥିରେ ଆକ୍ସନ୍‌ଏଡ୍ ଆସୋସିଏସନ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଯୋଗଦାନ କରି ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରମିକଙ୍କ ମଜୁରୀ ଓ କର୍ମସ୍ଥଳୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଉପରେ ଆକ୍ସନ୍‌ଏଡ୍ ଆସୋସିଏସନ୍‌ର ଶୁଭେନ୍ଦୁ କୁମାର ରାୟ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମର ପୃଷ୍ଠଭୂମି ଓ କର୍ମଶାଳାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଉପରେ କେନ୍ଦ୍ର ସଂଚାଳକ ସଦାଶିବ ସ୍ୱାଇଁ ମତବ୍ୟକ୍ତ କରିଥିଲେ । ସ୍ୱାଗତ ଅଭିଭାଷଣ ସ୍ନିଗ୍ଧା ଦାସ ପ୍ରଦାନ କରିବା ବେଳେ ଗୀତାଞ୍ଜଳୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମାନବିକ ଅଧିକାର କର୍ମୀ ମନିତା ସାହୁ, ଫୁଲମଣି ପାତ୍ର, ଗୋଲାପ କୁମାରୀ ସାହୁ, ସଂଯୁକ୍ତା ମହାରଣା ଓ ଶାନ୍ତିଲତା ବେହେରା ପ୍ରମୁଖ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଶିବ ସାହୁ, ସରସ୍ୱତୀ ପରିଡା, ରେଣୁବାଳା ସାହୁ, କଲ୍ୟାଣୀ ରାଉତ, ବିଷ୍ଣୁପ୍ରିୟା ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# 'ବିକଶିତ ଭାରତ ଯୁବ ସଂସଦ' ଉଦ୍‌ଘାଟିତ

**ଭୁବନେଶ୍ୱର, ୨୪।୩ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ପାଇଁ ଆରମ୍ଭ ହେବାକୁ ଯାଉଥିବା ସୋଆ ଏନ୍‌ଏସ୍‌ଏସ୍ ବ୍ୟୁରୋ ଦ୍ୱାରା ଆୟୋଜିତ ଦୁଇ ଦିନିଆ 'ବିକଶିତ ଭାରତ ଯୁବ ସଂସଦ ୨୦୨୫' କାର୍ଯ୍ୟକ୍ରମ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) କ୍ୟାମ୍ପସର ବାଂଶୁରୀଗୁରୁ ଅଡିଟୋରିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖୋର୍ଦ୍ଧା ଜିଲ୍ଲା ପାଇଁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟକୁ 'ବିକଶିତ ଭାରତ ଯୁବ ସଂସଦ ୨୦୨୫'ର ନୋଡାଲ କେନ୍ଦ୍ର ଭାବେ ଚୟନ କରିଥିବାରୁ ନେହେରୁ ଯୁବ କେନ୍ଦ୍ର ସଂଗଠନ ଭୁବନେଶ୍ୱର ଓ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରକୁ ସାଧୁବାଦ ଦେଇଥିଲେ। ଏନଏସ୍‌ଏସ୍ ଭୁବନେଶ୍ୱରର ଯୁବ ଅଧିକାରୀ ଅଜିତ କୁମାର ଯୁବ ସଂସଦ କାର୍ଯ୍ୟକ୍ରମର ଗଠନ ଉପରେ ବକ୍ତବ୍ୟ ରଖିଥିଲେ। ଏନଏସଏସ୍ ଭୁବନେଶ୍ୱରର



କାର୍ଯ୍ୟକ୍ରମରେ ସୋଆ ଆଉଟ୍‌ରିଚ୍ ନିର୍ଦ୍ଦେଶକ ତଥା ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଡକ୍ଟର ନଚିକେତା ଶର୍ମା ସମସ୍ତ ଅତିଥିବୃନ୍ଦଙ୍କୁ ସ୍ୱାଗତ କରି ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ନେହେରୁ ଯୁବ କେନ୍ଦ୍ର ସଂଗଠନ ଭୁବନେଶ୍ୱର (ପୂର୍ବାଂଚଳ)ର ଆଂଚଳିକ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାଟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବେଲୁଚିସ୍ତାନ ରାଷ୍ଟ୍ର ଗଠନ

ପାକିସ୍ତାନରୁ ଅଲଗା ହୋଇ ସ୍ୱତନ୍ତ୍ର ବେଲୁଚିସ୍ତାନ ରାଷ୍ଟ୍ର ଗଠନ ଦାବି ନେଇ ଗଠିତ ବେଲୁଚିସ୍ତାନ ଲିବରେସନ ଆର୍ମୀ(ବିଏଲଏ)ର ସଶସ୍ତ୍ର ଆନ୍ଦୋଳନ ଇସଲାମାବଦର ନିଦ ହଜାଇ ଦେଇଛି। କିଛି ଦିନ ତଳେ ବେଲୁଚ ବିଦ୍ରୋହୀମାନେ କ୍ୱେଟାରୁ ପେଶାୱର ଯାଉଥିବା ଜାଫର ଏକ୍ସପ୍ରେସକୁ ଅପହରଣ କରି ଏଥିରେ ଥିବା ୪୦୦ରୁ ଅଧିକ ଯାତ୍ରୀଙ୍କୁ ପଣବନ୍ଦୀ ରଖିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଥିଲେ ପାକ ସେନାର ଯବାନ। ପାକିସ୍ତାନ ସେନାର ଅପରେସନରେ ଅନେକ ପଣବନ୍ଦୀ ମୁକ୍ତ ହୋଇଛନ୍ତି ସତ୍ୟ, ମାତ୍ର ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟରେ ଅନେକ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ପାକିସ୍ତାନ ସେନାରେ ୩୧ଜଣ ଯାବନ ଏବଂ ୨୧ ଜଣ ସାଧାରଣ ନାଗରିକ ଅଛନ୍ତି। ଏହା ବ୍ୟତିତ ୩୩ଜଣ ବିଦ୍ରୋହୀ ଏହି ଅପରେସନରେ ପ୍ରାଣ ହରାଇଥିବା ପାକ ସେନା ପକ୍ଷରୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ବିଏଲଏ ପକ୍ଷରୁ ଦାବି କରାଯାଇଛି ଯେ, ଏହା ୨୧୪ଜଣ ପଣବନ୍ଦୀଙ୍କୁ ହତ୍ୟା କରିଛି। ସଠିକ କ'ଣ ତାହା ଅସ୍ପଷ୍ଟ। କିନ୍ତୁ ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଛନ୍ତି। ଏହି ଘଟଣାର ଚାରିଦିନ ପରେ ବିଏଲଏ ଉଗ୍ରବାଦୀଙ୍କ ବିସ୍ଫୋରଣରେ ୯୦ଜଣ ପାକ ଯବାନ ନିହତ ହୋଇଛନ୍ତି। ବେଲୁଚିସ୍ତାନରେ ଏହା ଏକ ନିୟମିତ ଘଟଣା ହୋଇଗଲାଣି। ପାକିସ୍ତାନ ଅଭିଯୋଗ କରିଛି ଯେ, ବିଏଲଏକୁ ଆଫଗାନିସ୍ତାନର ତାଲିବାନୀ ମାନେ ସମର୍ଥନ ଏବଂ ସହଯୋଗ କରୁଛନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। କାରଣ ଆଫଗାନିସ୍ତାନର ତାଲିବାନ ସରକାର ସହ ପାକିସ୍ତାନର ଭଲ ସମ୍ପର୍କ ନାହିଁ। ପୂର୍ବରୁ ପାକିସ୍ତାନ ଅଭିଯୋଗ କରୁଥିଲା ଯେ, ବେଲୁଚ ଉଗ୍ରବାଦୀଙ୍କୁ ଭାରତ ସହଯୋଗ କରୁଛି। ଏବେ ଏହା ଆଫଗାନିସ୍ତାନ ମୁଣ୍ଡରେ ଅଠା ବୋଳୁଛି। ପାକିସ୍ତାନ ଗତ ୭୦ ବର୍ଷ ହେବ ଭାରତ ବିରୋଧରେ ଯେଉଁ ରଣନୀତି ଆପଣାଇ ଆସୁଥିଲା, ଏବେ ତାହା ପାକିସ୍ତାନ ପାଇଁ ବୁମେରାଂ ହୋଇଛି। ବେଲୁଚିସ୍ତାନ ଧିରେ ଧିରେ ପାକିସ୍ତାନଠାରୁ ଦୁରେଇ ଯାଉଛି। ହୁଏତ କିଛି ବର୍ଷ ପରେ ବେଲୁଚିସ୍ତାନ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇପାରେ। ୧୯୭୧ରେ ବାଂଲାଦେଶ ଜନ୍ମ ନେବା ପରି ଆଉ କିଛି ବର୍ଷ ପରେ ବେଲୁଚିସ୍ତାନ ଏକ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର ଭାବେ ଜନ୍ମ ନେବା ଅସମ୍ଭବ ନୁହେଁ। ଏହା ପରେ ପିଓକେ ପାଳି। ଆଜି ନହେଲେ କାଲି ପିଓକେ ନିଶ୍ଚିତ ଭାବେ ଭାରତରେ ସାମିଲ ହେବ ଏବଂ ଏକ ଅଖଣ୍ଡ କାଶ୍ମୀର ଗଠିତ ହେବ। ବେଲୁଚିସ୍ତାନର ସ୍ୱତନ୍ତ୍ରତା ଆନ୍ଦୋଳନ ବହୁ ବର୍ଷ ପୁରୁଣା। ଭାରତ ବିଭାଜନ ବେଳେ ବେଲୁଚିସ୍ତାନ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ଚାହୁଁଥିଲା। କିନ୍ତୁ ପାକିସ୍ତାନ ସରକାର ଏହାକୁ ଚାପି ଦେଇଥିଲେ। ସମୟକ୍ରମେ ଏହା ଏବେ ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ ପାକ ସରକାରଙ୍କ ଅବହେଳା ଏବଂ ଏହି ଅଞ୍ଚଳ ପ୍ରତି ପାକିସ୍ତାନର ବୈମାତୃକ ମନୋଭାବ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ନିଜର ସ୍ୱତନ୍ତ୍ରତା ଦାବି କରୁଛନ୍ତି। ପାକିସ୍ତାନ ବଳ ପ୍ରୟୋଗ କରି ଅଧିକ ଦିନ ଏହାକୁ ଚାପି ପାରିବ ନାହିଁ। ବେଲୁଚିସ୍ତାନରେ ବିଦ୍ରୋହ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। କାଶ୍ମୀରରେ ମାନବାଧିକାର ଉଲ୍ଲଘଂନ ଅଭିଯୋଗ କରୁଥିବା ପାକିସ୍ତାନ ଏବେ ବେଲୁଚିସ୍ତାନରେ ଯାହା କରୁଛି ତାହା ମାନବାଧିକାର ଉଲ୍ଲଘଂନର ଚରମ ଉଦାହରଣ। ଭାରତ ଏ ସମ୍ପର୍କରେ ବିଶ୍ୱ ଦରବାରରେ ତଥ୍ୟ ଉପସ୍ଥାପନ କରିବା ଉଚିତ। ପାକସ୍ତାନର ମୁହଁ ବନ୍ଦ କରିବାର ଏହା ପ୍ରକୃଷ୍ଟ ସମୟ।

# ମାନବବାଦ ଓ ବିଶ୍ୱମୈତ୍ରୀର ଠାକୁର

॥ ମୀରା ବେଉରା ॥

*ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ।*

ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଊର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ୍ୟ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସଭିଁଙ୍କର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ୍ୟ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇ୭ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧ୍ୟାତ୍ମିକ ଚତେନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଊର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହୁନ୍ତି। କାନ ନଥାଇ ଭକ୍ତର ଗୁହାରି ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅବିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ
କର୍ଣ୍ଣ ନାହିଁ ସବୁ ଶୁଣେ
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ୍ୟ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ"।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମତ୍ସ୍ୟପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଷାଠିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଲି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାସ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗକୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ କରିଦେଇଥିଲେ। ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ। ବିଦୁରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାକୁ ସ୍ୱର୍ଗାବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତକୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧ୍ୟାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ।

# ଗରୀବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

॥ ଗୋପାଳ ମହାପାତ୍ର ॥

ଆମ ଦେଶର ଅର୍ଥବ୍ୟବସ୍ଥା ଦ୍ରୁତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ୍ୟ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛଁ । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛଁ । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ୍ୟ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ୍ୟ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ୍ୟ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତଥ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି। କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୭୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି। ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥୀକ ପରାମର୍ଶଦାତା ପରିଷଦର ଅଧକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ୍ୟ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ୍ୟ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।

ମୋ-୯୪୩୮୪୮୫୦୯୪

# ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଯୋଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଟ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧ୍ୟାତ୍ମ୍ୟ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱାକୁ ଇକ୍ଷ୍ୱାକୁ ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ଥାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗଲରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ଦଣ୍ଡନାଚ ପରିଚାଳକଙ୍କ ସହ ସଚେତନତା ବୈଠକ

ହିଞ୍ଜିଳିକାଟୁ,ଗଞ୍ଜାମ( ମହାଭାରତ ) : ହିଞ୍ଜିଳି ଥାନା ପରିସରରେ ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ଅଧ୍ୟକ୍ଷତାରେ ଦଣ୍ଡନାଚ ଦଳର ମୁଖିଆଙ୍କୁ ନେଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମ ନବମୀ ପୂଜା କମିଟି, ହନୁମାନ ଜୟନ୍ତୀ ନିମନ୍ତେ ଶୃଙ୍ଖଳିତ ପରିଚାଳନା ଓ ଆସନ୍ତା ୨୫ ତାରିଖରୁ ଦଣ୍ଡନାଚ ଆରମ୍ଭ ହୋଇଥିବାରୁ ଶେଷ ପର୍ଯ୍ୟନ୍ତ ଅଶ୍ଳୀଳ ସଂଗୀତ ଏବଂ ନୃତ୍ୟକୁ ବନ୍ଦ ରଖିବା, ଯାତ୍ରା ସମୟରେ ମଞ୍ଚ ଉପରେ ପଶୁପକ୍ଷୀଙ୍କ ବିରୁଦ୍ଧରେ ହିଂସାତ୍ମକ କାର୍ଯ୍ୟ ନ କରିବା, ଜନଗହଳି ଓ ଯାନବାହନ ପରିଚାଳନା ପାଇଁ ଉପଯୁକ୍ତ ପଦକ୍ଷେପ ଆଲୋଚନା କରାଯାଇଥିଲା ଦଣ୍ଡଯାତ୍ରା ସମୟରେ ପଞ୍ଚୁଦଣ୍ଡ ସ୍ଥାନରେ ପ୍ରଚୁର ସ୍ଥାନ ଦେବା ଓ ବିଶୃଙ୍ଖଳା ହେଲେ ପୋଲିସକୁ ଜଣେଇବା ଆଦି ଉପରେ ଆଲୋଚନା କରାଯାଇଥିଲା ।

# ଚଗାଁ ପଂଚାୟତର ଘଣ୍ଟବାହାଲି ଗ୍ରାମବାସିଙ୍କ ପାଇଁ ରାସ୍ତା ସାତସପନ

କଳାହାଣ୍ଡି/ମହାଭାରତ): ଆମ ଓଡିଶା ରାଜ୍ୟ ରେ କଳାହାଣ୍ଡି ଜିଲ୍ଲା ର ଏକ ସ୍ୱତନ୍ତ୍ର ପରିଚୟ ରହିଅଛି । କଳାହାଣ୍ଡି ମାଟି ହେଉଛି ଜଗତର ମା ମାଁ ମାଣିକେଶ୍ୱରୀ ର ମାଟି , ଏହି ମାଟି ହଉଛି ମାଁ ଲଙ୍କେଶ୍ୱରୀ ର ମାଟି ,ବୀର ରେଣ୍ଡୋ ମାଝୀ ର ମାଟି ଯ ଗୋଟେ ପଟେ କଳାହାଣ୍ଡି ଜିଲ୍ଲା ର ଘୁମୁରା ବାଦ୍ୟ ବିଶ୍ଵଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କିନ୍ତୁ ଅପରପକ୍ଷେ ଜିଲ୍ଲା ର ସଦର ମହକୁମା ,ଭବାନୀପାଟଣା ଠାରୁ ମାତ୍ର ୨୫ କିଲୋମିଟର ଦୁରରେ ଅବସ୍ଥିତ ଚଗାଁ ପଞ୍ଚାୟତ ର ଘଞ୍□ବାହାଲି ଗ୍ରାମ ସ୍ୱାଧୀନତା କୁ ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବିକାଶ ରୁ ବଞ୍ଚିତ ହୋଇଅଛି । ଘଣ୍ଟ□ବାହାଲି ଗ୍ରାମକୁ ଯିବା ପାଇଁ ଆଜି ମଧ୍ୟ ଭଲ ରାସ୍ତା ଟେ ନାହିଁ । ଭବାନୀପାଟଣା - ରାୟପୁର କୁ ସଂଯୋଗ କରୁଥିବା ୫ଏ - ୧୬ ମୁଖ୍ୟ ସଡକ ଠାରୁ କିଛି ଦୂରରେ ଅବସ୍ଥିତ ଘଣ୍ଟବାହାଲି ଗ୍ରାମ । କଳାହାଣ୍ଡି ଜିଲ୍ଲା ସଦରମହକୁମା ଠାରୁ ଅଳ୍ପ ଦୂରରେ ଥାଇ ମଧ୍ୟ ଆଜି ଏହି ଗ୍ରାମର ଜନସଧାରଣ ରାସ୍ତା ପାଇଁ ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ବର୍ଷା ର ଆଗମନରେ ଗାଁ ରାସ୍ତା ପାଲଟିଯାଏ ମରଣଯନ୍ତା ସଦୃଶ ଯ ରୋଗୀ ପାଇଁ ଆସିବାରେ ଅନେକ ବିଳମ୍ବ ହୋଇଥାଏ ଏହି ଖରାପ ରାସ୍ତା ପାଇଁ । ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଙ୍କୁ ସାକ୍ଷାତ କରି ସମସ୍ୟା ର ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ପାଇଁ ପାରି ନାହାନ୍ତି ଘଣ୍ଟବାହାଲି ଗ୍ରାମବାସିବୃନ୍ଦ । ସବୁ ସରକାରୀ ଯୋଜନା ଯେମିତି ମୁହଁ ଆଡେଇ ଦେଇଛି ଏହି ଗାଁ ପାଇଁୟ ଆଜି ର ଦୁନିଆ ହଉଛି ସ୍ମାର୍ଟ ଫୋନ ଆଉ ସ୍ମାର୍ଟ ଲୋକଙ୍କ ଦୁନିଆ , ବର୍ତମାନ ଏହି ଗ୍ରାମର ଯୁବପିଢ଼ି କିନ୍ତୁ ପ୍ରଶ୍ନ କରୁଛି ସରକାରକୁ ଆମର ଭୁଲ କଣ ?? କାହିଁକି ଗୋଟେ ଭଲ ରାସ୍ତା ରୁ ଦୁରେଇ ରଖାହେଇଛି ଘଣ୍ଟ□ବାହାଲି ଗ୍ରାମବାସୀଙ୍କୁ ?? ବର୍ତମାନ କିନ୍ତୁ ଓଡିଶା ରାଜ୍ୟରେ ନୂତନ ସରକାର । ଘଣ୍ଟବାହାଲି ଗ୍ରାମବାସି ମଧ୍ୟ ନୂତନ ସରକାରଙ୍କଠୁ ନୂତନ ଆଶା କରିଛନ୍ତି । ଏହି ସରକାର ପୂରଣ କରିବେ ତାଙ୍କର ସ୍ୱପ୍ନ ଆଉ ସେମାନେ ପାଇପାରିବେ ସେମାନେ ତାଙ୍କର ହକ । ଆଜି ସମସ୍ତ ଗ୍ରାମବାସୀ ସରକାର ଆଉ ସ୍ଥାନୀୟ ନେତୃତ୍ୱ କୁ ଉତ୍ତମାନର ରାସ୍ତା ଯଥାଶୀଘ୍ର ର୍ନିମାଣ ପାଇଁ ଅନୁରୋଧ କରୁଛନ୍ତ । ଦେଖିବାକୁ ବାକି ରହିଲା ସରକାର ଆଉ ବିଭାଗୀୟ ଅଧିକାରୀ କେତେ ଶୀଘ୍ର ଘଣ୍ଟବାହାଲି ଗାଁରେ ନୂତନ ରାସ୍ତା ର୍ନିମାଣ କରିବେ ।

# ହିଞ୍ଜିଳିରେ ଶୌଚାଳୟ ଯନ୍ତ୍ରଣା

ହିଞ୍ଜିଳିକାଟୁ(ମହାଭାରତ ), ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା ଲକ୍ଷ୍ୟ ନେଇ ହିଞ୍ଜିଳିକାଟୁ ପୌରପରିଷଦ ପକ୍ଷରୁ ସହରର ପ୍ରାୟ ୧୦ଟି ସ୍ଥାନରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ର୍ନିମାଣ କରାଯାଇଥିଲା ଓ କିନ୍ତୁ ସେଥି ମଧ୍ୟରୁ ଅଧେ ଶୌଚାଳୟରେ ତାଲା ଝୁଲୁଥିବା ବେଳେ ଆଉ ଅଧେ ଶୌଚାଳୟ ଦୁର୍ଗନ୍ଧରେ ନାକ ଫାଟୁଛି । ଯାହା ଫଳରେ ସହରକୁ ଆସୁଥିବା ହଜାର ହଜାର ଲୋକ ବହୁ ଅସୁବିଧା ହେଉଛନ୍ତି । ଆଜି ବି ମହିଳା ହୁଅନ୍ତୁ କି ପୁରୁଷ ଶୌଚ ଲାଗିଲେ କାୟ ବାଡ଼ କିମ୍ବା ଗଛ କଡ ଭରସା କରିଥାନ୍ତି ଓ ସୂଚନା ପ୍ରକାରେ, ହିଞ୍ଜିଳି ସହରକୁ ପ୍ରତିଦିନ ହଜାର ହଜାର ଲୋକେ ବିଭିନ୍ନ କାମରେ ଆସୁଥାନ୍ତି ଓ କୋର୍ଟ କାମ ହେଉ କି ମେଡ଼ିକାଲ କାମ ଅଥବା ବଜାରରେ ଅନ୍ୟ କିଛି କାମରେ ଆସୁଥିଲେ ମଧ୍ୟ ଶୌଚ ପାଇଁ ସୁବିଧା ନଥିବାରୁ ଲଜ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ସହରର ଅଧା ଶୌଚାଳୟ ତାଲା ଝୁଲୁଥିବା ଦେଖି ଲୋକେ ବାହାରେ ଶୌଚ କରୁଛନ୍ତି । ପରିସ୍ରା କରିବା ମନା ଲେଖାଯାଇଥିଲେ । ମଧ୍ୟ ବିକଳ୍ପ ନ ଥିବାରୁ ଲୋକେ ଏଠି ସେଠି ଶୌଚ କରିବାକୁ ବାଧ ହେଉଛନ୍ତି । ଯାହାଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ପୂରା ଅଂଚଳୟ ତେବେ ମହିଳା ମାନେ ନିରୁପାୟ ହୋଇ ଏଠି ସେଠି ପରିସ୍ରା କରୁଥିବା ବେଳେ ଲଜ୍ୟାଜନକ ପରିସ୍ଥିତିର ସାମ୍ନା କରୁଛନ୍ତି । ସହରର ଆଉ କିଛି ସ୍ଥାନରେ ଶୌଚାଳୟ ଖୋଲା ରହିଛି ସତ କିନ୍ତୁ ଭିତରକୁ ଗଲେ ଆବର୍ଜନାରେ ପରିପୂର୍ଣ୍ଣ ହୋଇରହିଥିବାବେଳେ ପରିସ୍ରାଗାର ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାରୁ ଦୁର୍ଗନ୍ଧରେ ନାକ ଫାଟୁଛି । ଶୌଚାଳୟ ଭିତରେ କୁଢ଼କୁଢ଼ ପ୍ଲାଷ୍ଟିକ ବୋତଲ, ମଦ ବୋତଲ ଭଳି ବର୍ଜ୍ୟବସ୍ତୁ ଭର୍ତ୍ତି ହୋଇଛି । ପରିସ୍ରା କରିବା ଲାଗି ବସାଯାଇଥିବା ବେସିନ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି, ଯାହା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଛି ।ଯାହା ଫଳରେ ଲୋକେ ଶୌଚାଳୟ ବାହାରେ ମଳତ୍ୟାଗ କରୁଛନ୍ତି ।

# ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୫

ନବରଙ୍ଗପୁର(ମହାଭାରରତ): ଧୋଡ୍ରା-ଉମକୋଟସ୍ଥିତ ଫକୀରମୋହନ ପଠନଶାଳା ଓ ବାଲେଶ୍ୱର ଜିଲ୍ଲାରୁ ପ୍ରକାଶିତ ଦୈନିକ ଖବରକାଗଜ ଅପରାହ୍ନ ର ମିଳିତ ସହଯୋଗରେ ଅଲେଖ ମହିମା ମହାବିଦ୍ୟାଳୟ ,ଧୋଡ୍ରା ଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି ।ଓଡିଆ ସାହିତ୍ୟର ବିକାଶରେ ଖବରକାଗଜ ଓ କ୍ଷୁଦ୍ର ପତ୍ରପତ୍ରିକାର ଭୂମିକା ବିଷୟ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଫକୀରମୋହନ ପଠନଶାଳାର ସଂପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ବକ୍ତା ଭାବେ ନାରାୟଣ ପଣ୍ଡା, ବରେଣ୍ୟ ଅତିଥି ଭାବେ ବଂଶୀଧର ଜେନା ସମ୍ପାଦକ ଅପରାହ୍ନ ଖବରକାଗଜ,ସମ୍ମାନିତ ଅତିଥି ଭାବେ ଭାବେ ସର୍ବଶ୍ରୀ ଅଧ୍ୟାପକ ପରୀକ୍ଷିତ ସାହୁ,ଦୁର୍ଗା ପ୍ରସାଦ ପାଢ଼ୀ, ମହାନନ୍ଦ ମହାଳିକ ,ଶ୍ରୀନିବାସ ପଟ୍ଟନାୟକ ଓ ଲକ୍ଷ୍ମୀ ପ୍ରିୟା ଦାସ ପ୍ରକାଶିକା ଅପରାହ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶ୍ରୀମତୀ ମିନତୀ ନାୟକ ଧନ୍ୟବାଦ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ଦଶଟି ବ୍ଲକ୍ ରୁ ଶତାଧିକ ସାହିତ୍ୟିକ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ ।ଦୁଇଟି ପର୍ଯ୍ୟାୟ କବିତା ଆସରରେ ସଭାପତି ଭାବେ କେଦାରେଶ୍ୱର ପଟ୍ଟନାୟକ ଓ ବିଜୟ ଚୈଧୁରୀ ସମ୍ମାନିତ ଅତିଥି ଭାବେ ସର୍ବଶ୍ରୀ ସହଦେବ ପରିଡା, ଅନନ୍ତ ବାରିକ, ରାମଚନ୍ଦ୍ର ରାମ,ଜଗଦୀଶ ଚନ୍ଦ୍ର ତ୍ରିପାଠୀ,ରାମ ପ୍ରସାଦ ପାତ୍ର, ଅଧ୍ୟାପକ ଗୋପାଳ ମହାରଣା,ତ୍ରିପତି ବାଲାଜୀ ସାହୁ,ପ୍ରଭାତୀ ଦେବନାଥ,ଜାହ୍ନବୀ ପଣ୍ଡା, ଡ ସନ୍ତୋଷ କୁମାର ଖମାରୀ ଓ ମନୋରମା ମହାପାତ୍ର ପ୍ରମୁଖ ଓଡିଆ ଭାଷା ସାହିତ୍ୟ ର ବିକାଶରେ ପତ୍ରପତ୍ରିକାର ଭୂମିକା ଉପରେ ଆଲୋଚନା କରିଥିଲେ । କବିତା ଗୁଡ଼ିକ ସଂଯୋଜନା କରିଥିଲେ ସର୍ବଶ୍ରୀ ସାଗର କୁମାର ପରିଡା, ବିବେକାନନ୍ଦ ପଟ୍ଟନାୟକ, ସ୍ୱାଗତିକା ସାହୁ,ସୁଶୋଭିତା ମେରିଲିନ ତୁରୁକ, ସ୍ୱର୍ଣ୍ଣ ଲତା ପଟ୍ଟନାୟକ, ବାସନ୍ତୀ ଲତା ଜେନା ଓ ବୈଜୟନ୍ତୀ ମାଳା ରାଉତୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାନା କରିଥିଲେ ଅପରାହ୍ନର ଜିଲ୍ଲା ପ୍ରତିନିଧି ସାଗର କୁମାର ପରିଡାୟ ତାଙ୍କୁ ସହଯୋଗ କରିଥିଲେ ରାଜକିଶୋର ନାୟକ, ବିବେକାନନ୍ଦ ପଟ୍ଟନାୟକ , ପ୍ରକାଶ ଚନ୍ଦ୍ର ବେହେରା , ବଂଶୀଧର ଭୁୟାଁ,ରୂପ ସିଂ ନାୟକ, ପ୍ରଦୀପ୍ତ କୁମାର ବେହେରା, ସନ୍ତୋଷ କୁମାର ସାହୁ,ଚନ୍ଦନ କୁମାର ପାତ୍ରୟ ନବରଙ୍ଗପୁର ଜିଲ୍ଲାରେ ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ବ୍ରତୀ ଥିବା ବହୁ ସାରସ୍ୱତ ସାଧକ ସାଧିକାମାନଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ୧୧୦ କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ : ଜଣେ କୋର୍ଟ ଚାଲାଣ



ଆସିକା (ମହାଭାରତ): ଆସିକା ବାଲିସିରା ନିକଟରେ ଏକ ସ୍କପିଓ ରୁ ୧୧୦ କେଜି ଗଞ୍ଜେଇ ଜବତ । ଘଟଣାରେ ଜଣେ ଗିରଫ । ଗିରଫ ଯୁବକ ଜଣଙ୍କ ହେଲେ ନୟାଗଡ଼ ଶରଣକୂଳ ର ପ୍ରହଲ୍ଲାଦ ମାଝୀ । ସୂଚନା ଅନୁସାରେ ଆଜି ସକାଳେ ଅବକାରୀ ଗୋଇନ୍ଦା ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଡେପୁଟି କମଶନରଙ୍କ ନିର୍ଦେଶ କ୍ରମେ ଦକ୍ଷିଣାଞ୍ଚଳ ଅବକାରୀ ଏସପି ଡମ୍ବୁର ଧର ଖଣ୍ଡା ଓ ଅବକାରୀ ସୁପରିଟେଣ୍ଡେ□ ଶ୍ରୁତିକାନ୍ତ ରାଉତଙ୍କ ତତ୍ୱାବଧନରେ ଗୋଟେ ଟିମ୍ ବାଲିସିରା ଠାରେ ଓଆର ୦୨ବି ଏଫ ୦୪୨୮ ନମ୍ବର ବିଶିଷ୍ଟ ଗୋଟିଏ ସ୍କର୍ପିଓ ଗାଡିକୁ ସନ୍ଦେହ ରେ ଯାଞ୍ଚ ବେଳେ ଗୋଟିଏ ଗାଡ଼ିରୁ ୫ଟି ଜରି ବସ୍ତାରେ ୧୧୦ କେଜି ଗଞ୍ଜେଇ ମିଳିଥିଲା । ସମ୍ପୃକ୍ତ ଗଞ୍ଜେଇ କନ୍ଧମାଳ ବାଲିଗୁଡ଼ା ରୁ ନୟାଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗର ଗଞ୍ଜେଇ ସହ ସ୍କର୍ପିଓ କୁ ଜବତ କରି ଅଭିଯୁକ୍ତ ପ୍ରହଲ୍ଲାଦ ମାଝୀ କୁ ଅବକାରୀ ପୋଲିସ କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି ସରକାର ଗଞ୍ଜେଇ ଚାଷ କୁ ନଷ୍ଟ କରିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଏତେ ପରିମାଣର ଗଞ୍ଜେଇ ଆସୁଛି କୋଉଠୁ ତାହା ବର୍ତ୍ତମାନ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ।

# ଏସ ଏଚ ଜି ମହିଳା ମାନଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ

ସୁନାବେଡ଼ା:(ମହାଭାରତ) କୋରାପୁଟ ସୁନାବେଡ଼ା ହନୁମାନ ବଜାର ଥିବା ଶାଶ୍ୱତୀ ମହିଳା ମହାସଂଘର କାର୍ଯ୍ୟାଳୟ ଠାରେ ରବିବାର ଦିନ ବିଭିନ୍ନ ଏସ ଏଚ୍ ଜି ମହିଳା ମାନେ ସାମ୍ବାଦିକ ସମ୍ମିଳନୀ କରି ବିଭିନ୍ନ ଏସ ଏଚ ଜି ର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ମାନେ ଉପସ୍ଥିତ ରହି ଶାନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଏବଂ ଅନ୍ୟାନ୍ୟ ବ୍ୟକ୍ତି ମାନଙ୍କ ନାମରେ ଅଭିଯୋଗ କରିଛନ୍ତି ।ସେମାନେ କହିବା ଅନୁଯାୟୀ , ମହାସଂଘ ବିରୁଦ୍ଧରେ ଅଭିଯୋଗ କରିଥିବା ମହିଳା ମାନେ ୨ଟି ବ୍ୟାଙ୍କରେ ଖାତା ଖୋଲି ବେଆଇନ କାର୍ଯ୍ୟ କରୁଥିବାରୁ ତାଙ୍କୁ ୪ ବର୍ଷ ପୂର୍ବରୁ ମହସଂଘରୁ ବାହାର କରାଯାଇଥିବା କହିଥିଲେ ।ଏହା ସହ ମହିଳାମାନଙ୍କ ଠାରୁ ଇନସ୍ୟୁରାନ୍ସ ବାବଦରେ ନୁହେଁ ବାର୍ଷିକ ମହାସଂଘ ସଭ୍ୟ ଚାନ୍ଦା ବାବଦରେ ୩୦୦ଟଙ୍କା ,ଏ ଏଲ ଏଫ୍ ଚାନ୍ଦା ୧୫୦ ଟଙ୍କା, ଆଦାୟ କରି ଆମ୍ଭ ମାନଙ୍କୁ ସୁବିଧା ଦିଆଯାଉଛି ।ଜଣେ ସଦସ୍ୟ କିମ୍ବା ତାଙ୍କ ସ୍ୱାମୀଙ୍କ ବିୟୋଗରେ ୩୦,୦୦୦ ଟଙ୍କା ଦୁର୍ଘଟଣା କିମ୍ବା ମେଡ଼ିକାଲ ସହାୟତା ରାଶି ୫୦୦୦ ଟଙ୍କା ଆମ୍ବୁଲାନ୍ସ ସେବା, ଦୈବିଦୁର୍ବିପାକ ସହାୟତା ପାଇଁ ୫୦୦୦ ଟଙ୍କା ଦିଆଯାଉଛି ବୋଲି କହିଥିଲେ । ଶାଶ୍ୱତୀ ମହିଳା ମହାସଂଘର ସଭାପତି ଅଞ୍ଜଳୀ ପଣ୍ଡା ,ସମ୍ପାଦକ ଗୀତା ସେଠୀ , ଜାଗୃତୀ ମହିଳା ମହାସଂଘର ଲିଲି ମହାନ୍ତି , ସମ୍ପାଦକ ମଞ୍ଜୁଳା ଡାକୁଆ ସହ ଅନ୍ୟ ମହିଳା ମାନେ କହିଛନ୍ତିଯେ, ଉପଦେଷ୍ଟା ଅଶ୍ୱିନୀ ପଟ୍ଟନାୟକଙ୍କ ନାମରେ ମିଥ୍ୟା ଅଭିଯୋଗ ଶାନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଆଣିଛନ୍ତି । ଉପଦେଷ୍ଟା ଅଶ୍ୱିନୀ ପଟ୍ଟନାୟକଙ୍କ ପଚାରିବାରୁ ସେ କହିଛନ୍ତି ସୁଶାନ୍ତ ବିଶ୍ୱାଳ ନାମକ ବ୍ୟକ୍ତି ତାଙ୍କୁ ୫୦,୦୦୦ ଟଙ୍କା ମାଗିଲା, ନଦେବାରୁ ତାଙ୍କ ନାମରେ ମିଥ୍ୟା ଅପ ପ୍ରଚାର କରୁଛି ।ବିଭିନ୍ନ ଏସ ଏଚ୍ ଜି ମହିଳା ମାନେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ , ଯଦି ସୁଶାନ୍ତ ବିଶ୍ୱାଳ ନାମଧାରି ବ୍ୟକ୍ତି ଓ ଶାନ୍ତି ଏସ ଏଚ୍ ଜି ମହିଳା ନାମରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଏବଂ ସମସ୍ତ ମହିଳା ମାନେ କହିଛନ୍ତି ମିଥ୍ୟ ଅଭିଯୋଗ କରିଥିବା ବ୍ୟକ୍ତି କୁ ସୁନାବେଡ଼ାରୁ ତଡ଼ିବୁ ବୋଲି କହିଛନ୍ତି ।



# ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜିଗୋଳର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



କଣିହାଁ,(ମହାଭାରତ): କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ ରାମ ମନ୍ଦିର ପରିସରରେ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜିଗୋଳର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୂର୍ବତନ ଶିକ୍ଷକ ବୃନ୍ଦ, ବିଦ୍ୟାଳୟର ପ୍ରତିଷ୍ଠାତାମାନଙ୍କ ପରିବାରର ସଦସ୍ୟ, ବିଭିନ୍ନ ଗ୍ରାମର ସଭାପତି ,ସଂପାଦକ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । ପରେ ବିଦ୍ୟାଳୟର ପ୍ରତିଷ୍ଠାତା, ଶିକ୍ଷକ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ଏହି ବୈଠକରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ପରମାନନ୍ଦ ମହାପାତ୍ର ,ଚିତ୍ତ ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ, ଗୁରୁଚରଣ ପ୍ରଧାନ, ଯୋଗେଶ୍ୱର ପ୍ରଧାନ, ସଞ୍ଜୟ କୁମାର ଦାଶ, ନିରଞ୍ଜନ ମହାପାତ୍ର ,ସନ୍ତୋଷ କୁମାର ପାଣି, ର୍ନିଭୟ କୁମାର ପାଣି, ବିଜିଗୋଳ ଗ୍ରାମ ସଭାପତି ଶଶାଙ୍କ ଶେଖର ପାଣି, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ବିଜିଗୋଳ ସରପ□ ରୁକ୍ମିଣୀ ପ୍ରଧାନ, ଦଣ୍ଡସିଂହା ଗ୍ରାମ ସଭାପତି ଜଳଧର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଗଠନମୂଳକ ପରାମର୍ଶ ଦେଇ ମାର୍ଗଦର୍ଶନ କରାଇ ଉତ୍ସାହ ପ୍ରଦାନ କରିଥିଲେ । ଏହି ବୈଠକରେ ଆଖପାଖ ୨୩ଟି ଗ୍ରାମର ସଭାପତି ଓ ସଂପାଦକ ଉପସ୍ଥିତ ରହି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ମତପୋଷଣ କରିବା ସହିତ ଉତ୍ସାହ ପ୍ରଦାନ କରିଥିଲେ । ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଭାପତି ରଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଂପାଦକ ଦତ୍ତ କୁମାର ସିଂ ଅଦ୍ୟାବଧି ଅନୁଷ୍ଠିତ ହୋଇଥିବା ବିଭିନ୍ନ ବୈଠକ, ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଆଲୋକପାତ କରିଥିଲେ । ସହ ସଂପାଦକ ଅମରେନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ସଂଯୋଜକ ସୁନିଲ କୁମାର ପ୍ରଧାନ ସମାରୋହ ର ଉଦ୍ଦେଶ୍ୟ କହିବାସହ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ଜୁଲାଇ ୧ ତାରିଖରେ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜିଗୋଳ ର ୫୦ ବର୍ଷ ପୂର୍ତ୍ତି ଅବସରରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସମସ୍ତ ପୁର୍ବତନ ଛାତ୍ରଛାତ୍ରୀ ମାନେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଏହି ବୈଠକରେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ଆହ୍ୱାନ ଦେଇଥିଲେ ।

# ଇଚ୍ଛାନଗର ପାଟଣାଗ୍ରାମରେ ୫ଦିବସୀୟ ଚବିଶ ପ୍ରହର ଉଦଯାପିତ

ବଡ଼ଚଣା (ମହାଭାରତ ): ଛତିଆ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛା ନଗର ପାଟଣା ସ୍ଥିତ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୧୯ତାରିଖ ରୁ ଆରମ୍ଭ ହୋଇଥିବା ୫ଦିବସୀୟ ଚବିଶ ପ୍ରହର ନାମ ଯଜ୍ଞ ଉଦଯାପିତ ହୋଇଯାଇଛି । ଏହି ୨୪ପ୍ରହର କୁ ଅମରାବତୀ ପାଟଣା, ନୂଆ ପାଟଣା ଓ ଇଚ୍ଛା ନଗର ପାଟଣା ତିନି ଗୋଟି ଗ୍ରାମ ବାସୀଙ୍କ ମିଳିତ ସହଯୋଗ ରେ ଦୀର୍ଘ ବର୍ଷ ହେଲା ଅନୁଷ୍ଠିତ ହେଉଅଛି । ପୂଜକ ରାକେଶ ତ୍ରିପାଠୀ ମା ଦୁର୍ଗା ଙ୍କ ନିକଟରେ ଚଣ୍ଡୀପାଠ କରିବା ସହ ପୂଜାର୍ଚ୍ଚନା କରି ଯଜ୍ଞ ଆରମ୍ଭ କରାଇଥିଲେ କର୍ତ୍ତା ଭାବେ ସାଗର ବେହେରା ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ,ସନ୍ତୋଷ ପାଢ଼ୀ ଯଜ୍ଞ ରେ ବେଦ ମନ୍ତ୍ର ଓ ଘୃତ ଅର୍ପଣ କରିଥିବା ବେଳେ ଗିରିଶ ପାତ୍ର କର୍ତ୍ତା ଭାବେ ଦଧିହାଣ୍ଡି ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ ।ଏହି ଚବିଶ ପ୍ରହର ରେ ୬୦ରୁ ଉର୍ଦ୍ଧ୍ୱ ସଂକୀର୍ତନ ମଣ୍ଡଳୀ ଯୋଗଦେଇ ନାମଯଜ୍ଞ କରିଥିଲେ ।ଏହି କାଯ୍ୟକ୍ରମ ରେ ବଡ଼ଚଣା ର ବିଧାୟକ ଅମର କୁମାର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ପହଞ୍ଚି ମା ଙ୍କ ଆଶିଷ ଭିକ୍ୟା କରିବା ସହ କର୍ମ କର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାଯ୍ୟକ୍ରମ କୁ ଅମର ନାଥ, ଅଜିତ ନାଥ, ସନ୍ତୋଷ ବେହେରା, ଦିଲ୍ଲୀପ ପାତ୍ର ପ୍ରଦୋଷ ନାଥ, ନରେନ୍ଦ୍ର ବେହେରା,କାମଦେବ ଷେଣ୍ଢ, ରବୀନ୍ଦ୍ର ନାଥ, ସର୍ବେଶ୍ୱର ରାଉଳ, ଅରୁଣ ନାଥ, ଆଭାସ ପାତ୍ର, ମଙ୍ଗୁଆ ନାଥ, ସୋମ୍ୟରଞ୍ଜନ ସାହୁ, ନିବାସ ପାତ୍ର, ବାବୁଲା ନାଥ, ନିଗମ ବେହେରା, ପ୍ରହଲ୍ଲାଦ ରାଉଳ, ବାପି ନାୟକ, ଜୀବନ ରାଉଳ, ପପୁନି ସାହୁ, ସର୍ବେଶ୍ୱର ଷେଣ୍ଢ, ଅମରେଶ ନନ୍ଦ ପ୍ରମୁଖ କାଯ୍ୟକ୍ରମ କୁ ପରିଚାଳନା କରୁଥିବା ବେଳେ ୩ଗ୍ରାମ ର ଗ୍ରାମବାସୀ ମାନେ ସହଯୋଗ କରିଥିଲେୟ ପ୍ରତେହ ଦିନ ସମସ୍ତ ଙ୍କ ପାଇଁ ପ୍ରସାଦ ର ବେସ୍ତା ମଧ୍ୟ କରାଯାଇଥିଲା ।

# ବିପଦ ସଙ୍କୁଳ ଅବସ୍ଥାରେ ପୌର ପାଳିକା ହୋଡ଼ିଂ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌର ପାଳିକା ର ବି ବିଭିନ୍ନ ସ୍ଥାନରେ ରହିଥିବା ପୁରୁଣା ହୋଡିଂ ବୋର୍ଡ ଗୁଡ଼ିକ କାଳବୈଶାଖୀ ଯୋଗୁଁ ବିପଦ ସଙ୍କୁଳ ଅବସ୍ଥାରେ ଓହଳି ରହିଛି ।ଏହି ହୋଡ଼ିଙ୍ଗ ବୋର୍ଡ ଗୁଡ଼ିକ ବିଭିନ୍ନ ସ୍ଥାନରେ ଝୁଲି ରହି ଥିବାରୁ ଯିବା ଆସିବା ସମୟରେ ଲୋକଙ୍କ ଉପରେ କେଉଁ ମୂହୁର୍ତ୍ତ ରେ ପଡ଼ି ଯିବାର ସମ୍ଭାବନା ରହିଛି ।ଏଣୁ ଏହି ହୋଡିଙ୍ଗ ଗୁଡ଼ିକୁ ପୌର ପାଳିକା ପକ୍ଷରୁ ହଟାଇବା ପାଇଁ ଦାବି ହୋଇଛି ।

# ଦରମା ନ ପାଇ ଦହଗଞ୍ଜିରେ ଶ୍ରମିକ, ଜନଶୁଣାଣୀ ପାଇଁ କମ୍ପାନୀ ହେଉଛି ସଜବାଜ

ଯୋଡ଼ା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡା ପଞ୍ଚାୟତରେ ଥିବା ଓଏମଡିସି କମ୍ପାନୀର ଭଦ୍ରାସାହି ଲୌହ ଓ ମାଙ୍ଗାନିଜ ଖଣି ଦୀର୍ଘ ୧୫ ବର୍ଷ ଧରି ବନ୍ଦ ପଡ଼ିଛି । ଲିଜଧାରି ଓଏମଡିସି କମ୍ପାନୀର ପ୍ରାୟ ୯୯୮.୭୦ ହେକ୍ଟର ପରିମିତ ଏହି ବୃହ୍ତ ଖଣି ଏକଦା ଖଣି ଅଞ୍ଚଳର ଅଧିବାସୀଙ୍କୁ ରୋଜଗାର ଦେଇ ଆସୁଥିଲା । ହଜାର ହଜାର ଶ୍ରମିକ ଏହି ଖଣିରେ କାର୍ଯ୍ୟରତ ଥିଲେୟ ୨୦୧୦ ମସିହାରୁ ବିଭିନ୍ନ ବୈଧାନିକ କାରଣ ବଶତଃ ଏହି ଖଣି ବନ୍ଦ ହୋଇ ଯାଇଥିଲା । ତେଣେ ଏହି ଖଣିରେ ଅନିୟମିତତା ହୋଇଥିବା ହେତୁ ସେଣ୍ଟ୍ରାଲ ଏମପାୱାର କମିଟି (ସିଇସି) ତଦନ୍ତରେ ଜାଣିବାକୁ ପାଇଥିଲାୟ ଅଦାଲତ ଦ୍ୱାରା ଖଣି କମ୍ପାନୀ ଠାରୁ ଜୋରିମାନା ମଧ୍ୟ ଆଦାୟ ହୋଇଥିଲା । ଏହି ଖଣିକୁ ପୁନର୍ବାର ଚଳାଇବା ପାଇଁ ସରକାରୀ ନିୟମ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ମାର୍ଚ୍ଚ ୨୬ ତାରିଖ ଦିନ ଜନଶୁଣାଣୀର କାର୍ଯ୍ୟକ୍ରମ ରହିଛି । ତେଣେ ଗଣମାଧ୍ୟମ ଆଗରେ ଖଣିର ଶ୍ରମିକ ସଂଘ ନେତା ଇନ୍ଦ୍ରମଣି ବେହେରା ଅଭିଯୋଗରେ କହିଛନ୍ତି ଯେ,ଠାକୁରାଣୀ ଓ ରୋଇଡା ଖଣିରେ ୧୩୦ ସ୍ଥାୟୀ ଶ୍ରମିକ କାର୍ଯ୍ୟ କରୁ ଅଛନ୍ତି । ୨୦୨୪ ଅଗଷ୍ଟ ମାସରୁ ଦରମା ନ ପାଇ ଆନ୍ଦୋଳନରେ ବସିଛନ୍ତି । ଦୀର୍ଘ ୮ ମାସର ଦରମା ପାଇ ନ ଥିବା ବେଳେ କିଛି ଦିନ ପୂର୍ବେ କେବଳ ଗୋଟିଏ ମାସର ଦରମା କର୍ମଚାରୀ ମାନଙ୍କୁ ଦିଆଯାଇଛି । ସେଥିମଧ୍ୟରୁ କିଛି ଠିକା ଶ୍ରମିକ ଏଯାବ୍ ଦରମା ପାଇ ପାରି ନାହାଁନ୍ତି । କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନରୁ ଓହରିବା ପାଇଁ ବାରମ୍ବାର ଆନ୍ଦୋଳନକାରୀ ଶ୍ରମିକଙ୍କୁ ଚାପ ପକାଉଛନ୍ତି ଏବଂ ଏହାର ସମାଧାନ ଖଣି କମ୍ପାନୀ କରୁ ନ ଥିବା ବେହେରା କହିଛନ୍ତି । ବେହେରା ଅଧିକ ସୂଚନା ଦେଇ କହିଛନ୍ତି ଯେ,୧୯୯୩ ମସିହାରେ କେନ୍ଦ୍ର ସରକାରଙ୍କ ଏକ ଗାଇଡ ଲାଇନ ଅନୁଯାୟୀ, ମୂଲ୍ୟବାନ ମାଙ୍ଗାନିଜ ଖଣିରେ ଠିକା ଶ୍ରମିକ ନିୟୋଜିତ କରି ଖଣିଜ ଉତ୍ତୋଳନ କରାଯାଇ ପାରିବ ନାହିଁ ।ଏହାକୁ ଦୃଷ୍ଟିରେ ରଖି ଓଏମଡିସି ଖଣି କମ୍ପାନୀ ଠିକା ଶ୍ରମିକଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେଇଥିଲାୟ ହେଲେ ଏହି ଗାଇଡ ଲାଇନ ବଳବତ୍ତର ଥିବା ବେଳେ କମ୍ପାନୀ କିପରି ଏକ ଘରୋଇ ଠିକା ସଂସ୍ଥା ଜରିଆରେ ଅସ୍ଥାୟୀ ଶ୍ରମିକ ନିୟୋଜିତ କରିବ ଏହା ଉପରେ ବେହେରା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ଦୀର୍ଘ ୮ ମାସ ଧରି ଶ୍ରମିକ ଓ କର୍ମଚାରୀଙ୍କୁ ଦରମା ଦେଇ ପାରୁ ନ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଜନଶୁଣାଣୀରେ ଜନ ସମର୍ଥନ କିପରି ପାଇବ ଏନେଇ ଆନ୍ଦୋଳନରତ ଶ୍ରମିକ ମାନେ ପ୍ରଶ୍ନ କରିଛନ୍ତି । ଗତ ମାର୍ଚ୍ଚ ମାସ ୩ ତାରିଖ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ରିଜିଓନାଲ ଲେବର କମିସନର ରାଉରକେଲା, ଡକାଇବା ସ□ ମଧ୍ୟ ସେମାନେ ଯାଇ ନ ଥିଲେ । ପୁନଃ ମାର୍ଚ୍ଚ ୮ ତାରିଖ ଆଲୋଚନା ପାଇଁ ଆରଏଲସି ଡାକିଥିଲେ ହେଁ ଏଥିରେ କୌଣସି ଫଳାଫଳ ମିଳିପାରି ନ ଥିଲା ବୋଲି ଆନ୍ଦୋଳନକାରୀ ଶ୍ରମିକ କହିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ସାଂସଦ ଅନନ୍ତ ନାଏକ ଗତ ୨୦ ତାରିଖରେ ନୂଆ ଦିଲ୍ଲୀ ଠାରେ ଇସ୍ପାତ ଓ ଭାରୀ ଶିଳ୍ପମନ୍ତ୍ରୀ ଏଚ. ଡି କୁମାର ସ୍ୱାମୀଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି । ଉକ୍ତ ଚିଠିରେ ସାଂସଦ ଦର୍ଶାଇଛନ୍ତି ଯେ, ଶ୍ରମିକ ଓ କର୍ମଚାରୀ ମାନଙ୍କୁ ଦରମା ମିଳୁ ନ ଥିବାରୁ ସେମାନେ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତ । ଏଥିରେ ଇସ୍ପାତ ମନ୍ତ୍ରଣାଳୟର ହସ୍ତକ୍ଷେପର ଆବଶ୍ୟକତା ରହିଛି ବୋଲି ସାଂସଦ ନାଏକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଦରମା ନ ପାଇ ଅର୍ଥ ଅଭାବରୁ ଦହଗଞ୍ଜିରେ ଶ୍ରମିକ ମାନଙ୍କର ଅବସ୍ଥା ଶୋଚନୀୟ ହେଲାଣି ବୋଲି ସ୍ଥାନୀୟ ଭୂୟାଁ ରୋଇଡା ସରପ□ ତୁଳସୀ ବବଙ୍ଗା କହିଛନ୍ତି । ଏଣୁ ଏହି ଜନଶୁଣାଣୀକୁ ପଞ୍ଚାୟତବାସୀ ବିରୋଧ କରୁଛନ୍ତ । ଜନ ଶୁଣାଣି ସମ୍ପର୍କିତ କୌଣସି ସୂଚନା କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ପ୍ରଶାନ୍ତ କର ଙ୍କ ଠାରୁ ମିଳି ପାରି ନାହିଁ ।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଏସସିବି ମେଡିକାଲ୍ କଲେଜ୍‌କୁ ହୁଇଲ୍ ଚେୟାର ପ୍ରଦାନ




ପାରାଦୀପ-(ମହାଭାରତ): ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜ (ଏସସିବି) କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି । ଏସସିବି ମେଡିକାଲ୍ କଲେଜ୍‌ର ମେଡିସିନ୍ ବିଭାଗକୁ ଆସୁଥିବା ରୋଗୀମାନଙ୍କ ନିମନ୍ତେ ଏହି ହୁଇଲ୍ ଚେୟାର ଉପଯୋଗୀ ହେବ । ଇଫକୋ ତାର ସାମାଜିକ ଦାୟିତ୍ୱବୋଧ ନିର୍ବାହ କରି ଏସସିବି ମେଡିକାଲ୍ କଲେଜ୍‌ର ମେଡିସିନ୍ ବିଭାଗକୁ ଏହି ହୁଇଲ୍ ଚେୟାର ପ୍ରଦାନ କରାଯାଇଛି । ରାଜ୍ୟର ଏକ ବୃହ□ ମେଡିକାଲ କଲେଜ୍ ଭାବେ ଏସସିବି ମେଡିକାଲ୍ କଲେଜ୍‌ର ଗୁରୁତ୍ୱ ରହିଆସିଛି । ଏହାକୁ ଦୃଷ୍ଟିରେ ରଖି ଇଫକୋ ତାର ଏହି ଦାୟିତ୍ୱ ବହନ କରିଛି, ଯାହାକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାବେ କାର୍ଯ୍ୟରେ ଲାଗିବ ବୋଲି କହିଛନ୍ତି ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର । ଏସସିବି ମେଡିକାଲ୍ କଲେଜ୍‌ର ମେଡିସିନ୍ ବିଭାଗକୁ ବହୁ ରୋଗୀ ଅସୁସ୍ଥ ଅବସ୍ଥାରେ ଆସିଥାନ୍ତି ଏବଂ ସେମାନଙ୍କ ନିମନ୍ତେ ହୁଇଲ୍ ଚେୟାରର ଆବଶ୍ୟକତା ଦେଖା ଦେଇଥାଏ । ଏହି ରୋଗୀମାନଙ୍କ ନିମନ୍ତେ ଏହି ହୁଇଲ୍ ଚେୟାର ନିଶ୍ଚିନ୍ତ ଭାବେ କାମ ଲାଗିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଇଫକୋ ସବୁ ସମୟରେ ସାଧାରଣ ଲୋକଙ୍କ ସହିତ ରହିଆସିଛି । ଏହି କାର୍ଯ୍ୟକ୍ରମରେ ଏସସିବି ମେଡିକାଲ୍ କଲେଜ୍‌ର ଡିନ୍ ତଥା ସୁପରିଟେ□ଟ୍ ପ୍ରଫେସର ଡା.ଲୁସି ଦାସ, ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା.ଅଶୋକ କୁମାର ମଲ୍ଲିକ, ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡା.ଜୟନ୍ତ ପଣ୍ଡା, ଇଫକୋର ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରାଙ୍କ ସମେତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ବିଶ୍ୱରଂଜନ ସାହୁ ଯୋଗ ଦେଇଥିଲେ ।

## ମା ମାର୍କମା +୩ ମହାବିଦ୍ୟାଳୟ ଆତ୍ମରକ୍ଷା କୌଶଳ ତାଲିମ

ବିଷମ କଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ମା ମାର୍କମା +୩ ମହାବିଦ୍ୟାଳୟ ଠାରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ୨୪.୦୩.୨୦୨୫ ଉଦଯାପିତ ହୋଇଯାଇଛି । ଆତ୍ମରକ୍ଷା କୌଶଳ ତାଲିମ ୦୪.୦୩.୨୦୨୫ ତାରିଖରେ ଆରମ୍ଭ ହୋଇ ୧୧.୦୩.୨୦୨୫ ରିଖରେ ୮ ଦିନ ବ୍ୟାପି ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀ ସଞ୍ଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡଃ. ଅଶ୍ୱିନୀ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି କହିଥିଲେ ଯେ, ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା କରିବାର ଆବଶ୍ୟକତା ରହିଛିୟ ଏବଂ ତ୍ ସଙ୍ଗେ ସଙ୍ଗେ ଏହି କୌଶଳ ସଦୁପଯୋଗ କରିବାପାଇଁ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ମୁଖ୍ୟ ଅତିଥି ସଞ୍ଜୟ କୁମାର ତ୍ରିପାଠୀ ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା କୌଶଳର ଉଦ୍ଦେଶ୍ୟ ବୁଝେଇବା ସଙ୍ଗେ ସଙ୍ଗେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତିରଣୀ ମିଶ୍ର ଏହି କାର୍ଯ୍ୟକ୍ରମଟିକୁ ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ମରଣଯନ୍ତା ପାଲଟିଛି ହଦଗୁଠ ମୁଖ୍ୟ ରାସ୍ତାରୁ ବିଷ୍ଣୁଗାଁ ଗ୍ରାମ ରାସ୍ତା



କପ୍ତିପଦା -(ମହାଭାରତ ): କପ୍ତିପଦା -ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଦେଓ୍ୱାନବାହାଲି ଗ୍ରାମ ପଞ୍ଚାୟତର କନ୍ଦାସାହି ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି, ଦୀର୍ଘ ପ୍ରାୟ ୪ କିଲୋମିଟର ବିଶିଷ୍ଟ ଏହି ରାସ୍ତା ହଦଗୁଠ ଗ୍ରାମଠାରୁ କନ୍ଦାସାହି ଦେଇ ବିଷ୍ଣୁଗାଁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତାରେ ପ୍ରତିଦିନ କନ୍ଦାସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢୁଥିବା ଶିଶୁମାନେ ଏବଂ ବିଷ୍ଣୁଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଯିବା ଆସିବା କରୁଥିଲେ ହେଁ ଏହି ମରଣଯନ୍ତା ରାସ୍ତାର ଉନ୍ନତିକରଣ ଦିଗରେ ଉକ୍ତ ପଞ୍ଚାୟତର ଜନପ୍ରତିନିଧି ଯଥା- ସରପଞ୍ଚ ଓ ସମିତି ସଭ୍ୟ ମନୋନିବେଶ କରିବା ଦେଖା ଯାଉ ନାହିଁ । ଶ୍ରାବଣ ଋତୁରେ ବର୍ଷା ପାଣି ଦ୍ୱାରା ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ହୋଇଥାଏ ଏବଂ ଛୋଟ ବଡ଼ ଦୁର୍ଘଟଣା ଘଟିବା ଲକ୍ଷ୍ୟ କରାଯାଇଛି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଶିଆଳି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ଶ୍ରୀ ଶଙ୍କର କେରକେଟା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ ଶ୍ରୀ ଅଂଶୁମାନ ମହାପାତ୍ର, ସମ୍ମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ,ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଶିଆଳି ଗ୍ରାମ ପଞ୍ଚାୟତ ସମେତ ଅଲଡା, କିଡ଼ିଗାଁ, ଖଣ୍ଡଭା ଓ ଗୋରିବନ୍ଧା ପଞ୍ଚାୟତର ସମୁଦାୟ ମୋଟ- ୭୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା।

### କ୍ୟାନ୍‌ଫେଷ୍ଟ-୨୦୨୫

# ଷଷ୍ଠ ସଂନ୍ଧ୍ୟାରେ ମଂଚସ୍ଥ ହେଲା ନାଟକ ଲୁହର ରଙ୍ଗ

ପାରାଦୀପ(ମହାଭାରତ): ନାଟକ ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ନାଟ୍ୟାନୁଷ୍ଠାନ କ୍ୟାନ୍‌ମାସ ପକ୍ଷରୁ ୨୨ତମ ନାଟ୍ୟ ମହୋତ୍ସବ ପାରାଦୀପ ଜୟଦେବ ସଦନ ପରିସରରେ ଅନୁଷ୍ଠିତ ହେଉଛି । ସୋମବାର ପଂଚମ ସଂନ୍ଧ୍ୟାରେ ମଂଚସ୍ଥ ଥିଲା ନାଟକ ଲୁହର ରଙ୍ଗ । ଦେଓଗଡର ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ୍‌ର କଳାକାରମାନେ ମଂଚସ୍ଥ କରିଥିଲେ ନାଟକ ଲୁହର ରଙ୍ଗ । ଏହାର ନିର୍ଦ୍ଦେଶନା ଦେଇଥିଲେ ସୁଜିତ୍ କୁମାର ପାତ୍ର । ସ୍ତ୍ରୀକୁ ହରାଇଥିବା ଜଣେ ପ୍ରବୀଣ ଚିତ୍ରକର ରାଇମୋହନ



ପ୍ରାୟତଃ ରଙ୍ଗ ତୁଳୀ ଛାଡି ଦେଇ ହାତରେ ମଦ ବୋତଲ ଧରି ଅକାଳରେ ବିଧବା ହୋଇଥିବା ଝିଅର ଶାଶୁ ଘରୁ ଅପ୍ରତ୍ୟାଶିତ ଭାବେ ଫେରିବା ଦେଖି ନିରାଶ ହୋଇଛନ୍ତି । ସେ ସର୍ବଦା ବିଧବା ଝିଅ କଳ୍ପନାଙ୍କ ଭଙ୍ଗା ଜୀବନକୁ ପୁନଃସ୍ଥାପନ କରିବା ଓ ତାଙ୍କ ଝିଅକୁ ଏକ ଉପଯୁକ୍ତ ଜୀବନସାଥୀ ଯୋଗାଇବା ବିଷୟରେ ଚିନ୍ତା କରନ୍ତି । ଏହି ସମୟରେ ଯୁବ ଚିତ୍ରଶିଳ୍ପୀ ଅବିନାଶ ଗୁରୁ ରାଇମୋହନଙ୍କ ପରିବାର ସଂସ୍ପର୍ଶରେ ଆସନ୍ତି ଓ ଅବିନାଶ ଏବଂ କଳ୍ପନା ପ୍ରେମରେ ପଡି ଯାଆନ୍ତି । ଅବିନାଶ ତାଙ୍କ ବନ୍ଧୁ ଅଭିଷେକ ସମ୍ମୁଖରେ ଗୁପ୍ତ ଭାବରେ ତାଙ୍କ ପ୍ରେମ ସମ୍ବନ୍ଧରେ ପ୍ରକାଶ କରନ୍ତି । ଅଭିଷେକ ଏହି କଥା ରାଇମୋହନଙ୍କୁ କହି ପାରିଲେ ନାହିଁ । ଏହି ସମୟରେ ରାଇମୋହନଙ୍କ ପଡୋଶୀ ପ୍ରବଚକ ଦିଲ୍ଲୀପ ବାବୁ ତାଙ୍କ ସାନ ଝିଅକୁ ମାତୃତ୍ୱର ସ୍ନେହ ପ୍ରଦାନ କରିବା ପାଇଁ କଳ୍ପନାଙ୍କୁ ବିବାହ କରିବା ପାଇଁ ରାଜି ହୁଅନ୍ତି । ଅବିନାଶଙ୍କ ହୃଦୟ ଭାଙ୍ଗି ଯାଏ ଏବଂ ସେ ହତାଶ ହୋଇ ଭୁବନେଶ୍ୱର ଫେରିଯାଆନ୍ତି । ଦିଲ୍ଲୀପବାବୁ ଚାକିରିରୁ ଇସ୍ତଫା ଦିଅନ୍ତି ଏବଂ ଝିଅ ମିନିର ସଡକ ଦୁର୍ଘଟଣାରେ ମୃତ୍ୟୁ ହୁଏ ଏବଂ ସେ ବୃନ୍ଦାବନ ଚାଲିଯାଆନ୍ତି । ଅବିନାଶ ରାଇମୋହନଙ୍କ ଝିଅ ସହିତ ତା□କର ସମ୍ପର୍କ ପ୍ରକାଶ କରନ୍ତି । ରାଇମୋହନ ଶୁଣି ଦୁଖିତ ହୁଅନ୍ତି ଲୁହରେ ଦାଗ ଥିବା ବ୍ରସ୍ ଅବିନାଶଙ୍କୁ ଦିଅନ୍ତି ଏବଂ ତାଙ୍କୁ କଳ୍ପନାଙ୍କ କପାଳରେ ସିନ୍ଦୁର ଲଗାଇବାକୁ ଅନୁମତି ଦିଅନ୍ତି । ନାଟକରେ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

## କଲ୍ୟାଣସିଂପୁର ବ୍ଲକ ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ରାୟଗଡ / ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ନବୀନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ସିଡ଼ିଓ ଅକ୍ଷୟ କୁମାର ଖେମୁଣ୍ଡୁ,ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକଟର ,, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ସାହୁ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ ।

ଆଜି ମୋଟ୪୯ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୨୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୨୨ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ବିଶେଷ କରି ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା , ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ବିଦ୍ୟୁତ ଯୋଗାଣ, ପିଡ଼ିଏସ ଯୋଗାଣ ଆଦି ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର,କଲ୍ୟାଣ ସିଂପୁର, ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମନୀଷା ଦାସ,ସହକାରୀ ଜିଲ୍ଲାପାଳ (ଗ୍ରୀଭାନ୍ସ) ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ।

## କପ୍ତିପଦା ଲାବଣ୍ୟଦେଇପୁର ରେ ପାଦପେଣ୍ଡୁ ପ୍ରତିଯୋଗିତା ଉଦଯାପିତ

କପ୍ତିପଦା -(ମହାଭାରତ )-: କପ୍ତିପଦା -ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ଗ୍ରାମ ପଞ୍ଚାୟତ ଅଧୀନ ହଦଗୁଠ ଗ୍ରାମରେ ଏସେଲ ବେରେଲ ଯୁବକ ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ୭ମ ବାର୍ଷିକ ପାଦପେଣ୍ଡୁ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୩୨ଗୋଟି ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ(ଖେଳ) ବାଦାମପାହାଡ ଫୁଟବଲ ଟିମ ଏବଂ ଜୟ ବଡାମ ଫୁଟବଲ ଟିମ ଜୁଆଳିଆ(ଉଦଳା) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଦାମପାହାଡ ଫୁଟବଲ ଟିମ ୩-୧ ଗୋଲରେ ଆଗୁଆ ହୋଇ ଚମ୍ପିଅନ ହୋଇ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଜୁଆଳିଆ ଫୁଟବଲ ଟିମ ରନରସପ ବା ଦ୍ୱିତୀୟ ପୁରସ୍କାର ପାଇବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଦଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରେପାରୀ କେଦାର କାଲୁଣ୍ଡିଆ ଏବଂ ମାଙ୍ଗତା ପୂର୍ତ୍ତି ଖେଳ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଲାବଣ୍ୟଦେଇପୁର ସମିତି ସଭ୍ୟା ମାଦେ ସିଂ, ଲାଦୁରା ହାଇବୁରୁ, ନାରୀନେତ୍ରୀ ଶିବାନୀ ଦେହୁରୀ, ମଥୁରୀ ସାମାଡ, କାଟେ ଖୁଣ୍ଟିଆ, ଶିବ ପ୍ରସାଦ ନାଏକ, ହିନ୍ଦୁ ପୂର୍ତ୍ତି, କୁସୁନୁ ଗିଲୁଆ , ଶାଲ ଖାନ ମୁର୍ମୁ ପ୍ରମୁଖ ଉଦଯାପନୀ ଉତ୍ସବରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା ଜଗତରେ ଥିବା ନିଯୁକ୍ତି ସୁଯୋଗ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ପ୍ରାୟ ପାଞ୍ଚ ହଜାର ଲୋକଙ୍କ ସମାଗମ ଦେଖିବା ପାଇଁ ମିଳିଥିଲା।

## ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ର କାର୍ଯ୍ୟ ତଦାରଖ କଲେ ପର୍ଯ୍ୟଟନ ସଚିବ

କରଞ୍ଜିଆ, (ମହାଭାରତ) ମୟୁରଭଞ୍ଜ ଜିଲ୍ଲା ର ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ର ଉନ୍ନତି କରଣ କାର୍ଯ୍ୟ ନିମନ୍ତେ ପର୍ଯ୍ୟଟନ ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା ଅନୁଦାନ ରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟ ର ତଦାରଖ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ସଚିବ ବଲଓନ୍ତ ସିଂ ସୋମବାର ଦିନ ଭୀମକୁଣ୍ଡ ରେ ପହଞ୍ଚି କାର୍ଯ୍ୟର ତଦାରଖ କରିଛନ୍ତି।୪ କୋଟି ୮୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ମୟୁରଭଞ୍ଜ ସୀମାରେ ରେ ପୂର୍ତ୍ତ ବିଭାଗ ଦ୍ୱାରା ଭୀମକୁଣ୍ଡ ର ଉନ୍ନତି କରଣ କାର୍ଯ୍ୟ ରେ



ହେଉଥିବା ମୁଖ୍ୟ ଫାଟକ,ୱାଚ ଟାୱାର ,ଶୌଚାଳୟ,ପାର୍କିଙ୍ଗ ସ୍ଥାନ, ଭେଣ୍ଡିଙ୍ଗ ଜୋନ ,ପାଚେରୀ ର ଚାଲୁ ରହିଥିବା କାର୍ଯ୍ୟ କୁ ବୁଲି ଦେଖିଥିଲେ।ଭୀମକୁଣ୍ଡ ର ଅନ୍ୟନ ଆବଶ୍ୟକ କାର୍ଯ୍ୟ ଗୁଡିକୁ କରାଯିବାକୁ ସଚିବ ପ୍ରସ୍ତାବ ରଖିଥିଲେୟପର୍ଯ୍ୟଟନ ସଚିବ ଙ୍କ ଗସ୍ତ ସମୟରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ,କରଞ୍ଜିଆ ଡିଏଫଓ ଶଶୀକାନ୍ତ ନାୟକ,ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା,ପୂର୍ତ୍ତ ବିଭାଗ ର ଏସ୍ ଡି ଓ ଅମର ସୁବୁଦ୍ଧି, ଯନ୍ତ୍ରୀ କାଳିଚରଣ ସିଂ, ଫୋରେଷ୍ଟ ଗାର୍ଡ ବିକାଶ କୁମାର ମହାନ୍ତ ଉପସ୍ଥିତ ଥିଲେ।

## ୫୦ଲିଟରର ଦେଶୀ ମଦ ସହ ଜଣେ ଗିରଫ

ଆସିକା (ମହାଭାରତ): ଆସିକା ଥାନା ଅଧୀନ ଏରେଗଲା କ୍ୟାମ୍ପ ରୁ ୫୦ଲିଟରର ଦେଶୀ ମଦ ସହ ଜଣକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛ। ପ୍ରକାଶ ଥାଉକି ଆଜି ସକାଳେ ଆସିକା ଥାନା ଏସ ଆଇ ଅମ୍ବିକା ବେଣିଆ ଙ୍କ ନେତୃତ୍ୱରେ ଏକ ଟିମ ଆସିକାର ବିଭିନ୍ନ ବସ୍ତି ସ୍ଥାନରେ ଚଢ଼ାଉ କରି ଥିଲା ଏହି ସମୟରେ ଆସିକା ଏରେଗଲା କ୍ୟାମ୍ପରୁ ୫୦ଲିଟରର ଦେଶୀ ମଦ ସହ ଡି.ରାମ କୁ ଗିରଫ କରି ଥାନା କେସ ନମ୍ବର ୨୩୭/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ରହିଛି। ଏହି ଚଢ଼ାଉ ରେ ଆସିକା ଥାନା ଏସ ଆଇ ହିମାଂଶୁ ପାତ୍ର, ଏଲିସ୍ମିତା ଜେନା, ଏ ଏସ ଆଇ ଅଶୋକ ପଟ୍ଟନାୟକ, ଦାମୋଦର ଗୌଡ଼ ସାମିଲ ଥିଲେ।

# ଗଞ୍ଜାମ ଜିଲ୍ଲା ଇପିଏଫ ପେନସନର୍ସ ସଙ୍ଘର ସମ୍ମିଳନୀ

ଆସିକା (ମହାଭାରତ): ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ଗଞ୍ଜାମ ଜିଲ୍ଲା ଶାଖା କମିଟିର ସାଧାରଣ ସଭା ଆସିକା ଚିନିକଲ ପ୍ରାଙ୍ଗଣସ୍ଥ କୃଷକ ଭବନରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା, ଙ୍କ ସଭାପତିତ୍ୱରେ ବିଶିଷ୍ଟ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା ଓ ରାଜ୍ୟ କମିଟି ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ନଟବର ଆଚାର୍ଯ୍ୟ,ଉପସଭାପତି ବିକ୍ରମ ଛୋଟରାୟ, ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ ସଭାପତି ସରୋଜ କାନ୍ତ ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ଶାଖା ସମ୍ପାଦକ ପ୍ରକାଶ କୁମାର




ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ,ବରିଷ୍ଠ ଆଇନଜୀବୀ ବିଦେଶୀ ନାୟକ,ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟର ସମସ୍ତ ଇପିଏଫ ପେନସନଧାରୀ ଏକତ୍ରିତ ହୋଇ ଦାବି ହାସଲ ପାଇଁ ଗଣତାନ୍ତ୍ରିକ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାର ଇପିଏଫ ପେନସନଧାରୀ ବରିଷ୍ଠ ନାଗରିକଙ୍କର ସାମାଜିକ ସୁରକ୍ଷାକୁ ଅଣଦେଖା କରିବାକୁ ଘୋର ନିନ୍ଦା ପ୍ରକାଶ ପାଇଥିଲା। ଓଡିଶା ସମେତ ସାରାଦେଶର ଦୁଇଲକ୍ଷରୁ ଉର୍ଦ୍ଧ ଇପିଏଫ ପେନସନଭୋଗିଙ୍କ ଦୀର୍ଘଦିନର ଦାବି ସର୍ବନିମ୍ନ ପେନସନ ୯୦୦୦ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ନକରିବା ପର୍ଯ୍ୟନ୍ତ ଏ ଲଢେଇ ସାରାଦେଶରେ ଚାଲୁରହିବୟ ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଯୋର ଦେଇଥିଲେ। ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ କର୍ମକର୍ତ୍ତାଙ୍କ ଟାଳଟୁଳ ନିତିକୁ ଘୋର ନିନ୍ଦା କରିଥିଲେୟ ଆସନ୍ତା ଦୁଇ ବର୍ଷ ପାଇଁ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ମନୋନୀତ କରାଗଲାୟସଭାପତି ରୂପେ ନୀଳକଣ୍ଠ ଦାସ,ସମ୍ପାଦକ ରାମବାବୁ ଦୋରା,ଉପସଭାପତି ରୂପେ ଅକ୍ଷୟ ବିଶ୍ୱାଳ,ଯୁଗ୍ମସମ୍ପାଦକ ସୁଜିତ କୁମାର ପୃଷ୍ଟି, ଏବଂ ଶଙ୍କର ପ୍ରଧାନ, ଉପଦେଷ୍ଟା ପ୍ରଶାନ୍ତ କୁମାର କର, ସଂଗଠନିକ ସମ୍ପାଦକ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ,କୋଷାଧକ୍ଷ ଭୀମ ରେଡି, ଆଇନ ପରାମର୍ଶ ଦାତା ଅନିଲ କୁମାର ଦାସ,କାର୍ଯ୍ୟକାରୀ ସଦସ୍ୟ ସୁଲେସନ ନାୟକ, ମଙ୍ଗୁଲୁ ନାୟକ, ପଞ୍ଚାନନ ଖଣ୍ଡୁଆଳ, ଶତ୍ରୁଘନ ଜେନା, ବଳରାମ ନାୟକଙ୍କୁ ମନୋନୀତ ହେଲେ।ଏହି ସଭାରେ ଶତାଧିକ ସଦସ୍ୟ ଉପସ୍ଥିତ ରହି ଆଗାମୀ ଦିନରେ ସଂଘର ଭବିଷ୍ୟତ ଉଜ୍ୱଳ କାମନା ସହ ଆଗକୁ ଦାବି ହାସଲ ପାଇଁ ଏକତ୍ରିତ ହୋଇ ଲଢେଇ କରିବାକୁ ପରାମର୍ଶ ଦେଇଥିଲେ।

# ଧରାପଡ଼ିଥିବା ଅବୈଧ ବାଂଲାଦେଶୀ ଏଜେଂଟଙ୍କ ମାଧ୍ୟମରେ ଭାରତରୁ ସମ୍ପର୍କୀୟଙ୍କୁ ପଠାଉଥିଲେ ଟଙ୍କା



**ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** ଦିଲ୍ଲୀରେ ଅବୈଧ ଭାବରେ ରହୁଥିବା ବାଂଲାଦେଶୀମାନେ ଅଳିଆ ସଂଗ୍ରହ, ସଫା କରିବା, ଖାଦ୍ୟ ବିତରଣ ଏବଂ ଅନ୍ୟାନ୍ୟ ଛୋଟ ଛୋଟ କାମ କରୁଥିଲେ। ୟୁପିଆଇ ଆପ୍ ମାଧ୍ୟମରେ ଦିଲ୍ଲୀରୁ ସୀମା ଏଜେଂଟ ମାନଙ୍କୁ ଟଙ୍କା ପଠାଇ, ସେମାନେ ବାଂଲାଦେଶରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ନିକଟକୁ ହାୱାଲା ମାଧ୍ୟମରେ ଟଙ୍କା ପଠାଉଥିଲେ। ଦକ୍ଷିଣ ଜିଲ୍ଲା ଡିସିପି ଅଙ୍କିତ ଚୌହାନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଭୋଗଲ, ନିଜାମୁଦ୍ଦିନ ନିବାସୀ ମହମ୍ମଦ ଜୁଏଲ ଇସଲାମ ଏବଂ ତାଙ୍କ ବଡ଼ ଭାଇ ମହମ୍ମଦ ଆଲମଗିର ବାଂଲାଦେଶରୁ ଦିଲ୍ଲୀ ଆସିବା ପରେ ଏଠାରେ ସ୍କ୍ରାପ୍ ଡିଲର ଭାବରେ କାମ କରୁଥିଲେ। ଏହି ସମୟ ମଧ୍ୟରେ, ସେ ଜଣେ ଭାରତୀୟ ମହିଳାଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଦୁଇଟି ସନ୍ତାନ ଥିଲେ। ଉଭୟ ପିଲା ଦିଲ୍ଲୀ ସ୍କୁଲରେ ପଢୁଛନ୍ତି। ଏହା ବ୍ୟତୀତ, ତିନି ଅଭିଯୁକ୍ତ ହେଉଛନ୍ତି କୋଟଲା ମୁବାରକପୁରର ବାସିନ୍ଦା ଲତିଫ୍ ଖାନ, ମହମ୍ମଦ ମିଜାନୁର ରହମାନ ଏବଂ ରବିଉଲ୍। ଲତିଫ୍ ଅଳିଆ ବାଛିବା କାମ କରନ୍ତି। ମିଜାନୁର ଜଣେ ସ୍କ୍ରାପ୍ ଡିଲର ଏବଂ ରବିଉଲ ଏକ ହସ୍ପିଟାଲରେ ଛୋଟ ଛୋଟ କାମ କରନ୍ତି। ତାଙ୍କ ପରିବାର ବାଂଲାଦେଶରେ ରୁହନ୍ତି। ଲତିଫଙ୍କ ଭାଇ ନଦୀମ ଶେଖ ସଫା କରିବା, ଝାଡୁ କରିବା ଏବଂ ପୋଛିବା କାମ କରୁଥିଲେ। ୨୦୦୦ ମସିହାରେ ଦିଲ୍ଲୀ ଆସିଥିବା ଭାଲସ୍ୱା ଡାଏରୀର ଜେଜେ କଲୋନିର ବାସିନ୍ଦା ମହମ୍ମଦ ରିଜୁଲ ଏଠାକୁ ଆସିବା ପରେ ଜଣେ ଭାରତୀୟ ମହିଳାଙ୍କୁ ବିବାହ କରିଥିଲେ। ଟଙ୍କା ରୋଜଗାର କରିବା ପାଇଁ କ୍ୟାବ୍ ଡ୍ରାଇଭର ଭାବରେ କାମ କରିବା ଆରମ୍ଭ କଲା। ସେ କୌଣସି ପ୍ରକାରେ ଏକ ଭାରତୀୟ ପାସପୋର୍ଟ ତିଆରି କଲେ ଏବଂ ତା'ପରେ ନିୟମିତ ଭାବରେ ଦିଲ୍ଲୀରୁ ବାଂଲାଦେଶ ଯାତ୍ରା କରିବା ଆରମ୍ଭ କଲେ। ଏହି ବାହାନାରେ ସେ ଦିଲ୍ଲୀରୁ ଟଙ୍କା ନେଇ ବାଂଲାଦେଶରେ ରହୁଥିବା ଅନ୍ୟ ଅଭିଯୁକ୍ତଙ୍କ ପରିବାରକୁ ପହଂଚାଉଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ସେ ଭାରତରୁ ନେପାଳ ଏବଂ ନେପାଳରୁ ଭାରତ ପ୍ରାୟ ୨୨ ଥର ଯାତ୍ରା କରିଛନ୍ତି।

# ନାସିକରେ ସିଂହସ୍ଥ କୁମ୍ଭ ନିମନ୍ତେ ୟୁପିର ଅନୁଭୂତି ଉପରେ ମେଳା ଆଇନ କରାଯିବ

**ମୁମ୍ବାଇ, ୨୪।୩ (ଏଜେନ୍ସି):** ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ରବିବାର ନାସିକରେ କହିଛନ୍ତି ଯେ, ୨୦୨୭ ରେ ଅନୁଷ୍ଠିତ ହେବାକୁ ଥିବା ସିଂହସ୍ଥ କୁମ୍ଭ ନିମନ୍ତେ ଉତରପ୍ରଦେଶର ଅନୁଭୂତି ଉପରେ ମେଳା ଆଇନ କରାଯିବ । ଏଥି ସହିତ କୁମ୍ଭ ମେଳା ସମୟରେ ଗୋଦାବରୀର ପାଣି ସଫା ରଖିବା ନେଇ ବ୍ୟବସ୍ଥା କରାଯିବ । ମୁଖ୍ୟମନ୍ତ୍ରୀ ଆଜି ସିଂହସ୍ଥ କୁମ୍ଭ ମେଳାର ପ୍ରସ୍ତୁତିର ସମୀକ୍ଷା କରିବା ପରେ କାର୍ଯ୍ୟଯୋଜନାର ରୂପରେଖ ବାବଦରେ ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ରବିବାର ନାସିକ ଜିଲ୍ଲା ଗସ୍ତ କରିଥିଲେ । ଏଥର ସେ ତ୍ରୟମ୍ବକେଶ୍ୱର ମନ୍ଦିରର ଦର୍ଶନ କରିଛନ୍ତି । ସେ କୁଶାବର୍ତ୍ତ ତୀର୍ଥ ସ୍ଥଳର ମଧ୍ୟ ନିରୀକ୍ଷଣ କରିଛନ୍ତି । ଏହାପରେ ଦେବେନ୍ଦ୍ର ଫଡନାବିସ



କହିଛନ୍ତି ଯେ, ସେ ତ୍ରୟମ୍ବକେଶ୍ୱର ନିମନ୍ତେ ବିକାଶ ଯୋଜନା ପ୍ରସ୍ତୁତ କରାଯାଇ ସାରିଛି । କୁମ୍ଭମେଳା ଅବସରରେ ନାସିକ ଓ ତ୍ରୟମ୍ବକେଶ୍ୱରର ବିକାଶ କରାଯିବା ଉଚିତ୍ । ସାରା ଦେଶରୁ ଲୋକ ଏଠାକୁ ଆସିଥାନ୍ତି । ଏଥିପାଇଁ ଏଠାରେ କରିଡର୍ ଗୁଡିକର ନିର୍ମାଣ, ପାର୍କିଂ, ଶୌଚାଳୟ, ମନ୍ଦିର ଗୁଡିକ ଏବଂ ପୋଖରୀ ଗୁଡିକର ମରାମତି କରାଯିବ । ଗୟା ବ୍ରହ୍ମଗିରି କ୍ଷେତ୍ରରେ ପ୍ରାକୃତିକ ପଥ ନିର୍ମାଣ କରାଯିବ । ଏସଟିପି ର ନେଟୱର୍କ ବନାଇ ପାଣିର ଶୁଦ୍ଧତା ସୁନିଶ୍ଚିତ କରିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି । କୌଣସି ବି ସ୍ଥିତିରେ କୁମ୍ଭ ମେଳା ପୂର୍ବରୁ ସିଂହସ୍ଥ ର କାମ ସମ୍ପୂର୍ଣ୍ଣ କରିବା ନେଇ ପ୍ରୟାସ କରାଯିବ । ଏହି କାର୍ଯ୍ୟ ନିମନ୍ତେ ବହୁତ ମାତ୍ରାରେ ଅର୍ଥର ଆବଶ୍ୟକତା ହେବ । ରାଜ୍ୟ ସରକାର ନିଷ୍ପତି ନେଇଛି ଯେ, ଏହି କାର୍ଯ୍ୟ ନିମନ୍ତେ ଆବଶ୍ୟକ ଅର୍ଥରାଶି ଉପଲବ୍ଧ କରାଯିବ ।

# ମାଓବାଦୀଙ୍କ ଆଡ୍ଡାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ

**ସୁକମା, ୨୪।୩ (ଏଜେନ୍ସି):** ଛତିଶଗଡ଼ର ସୁକମା ଜିଲ୍ଲାରେ ସୁରକ୍ଷାବଳ ଦୁଇଟି ପୃଥକ୍ ପୃଥକ୍ ମାଓବାଦୀଙ୍କ ଆଡ୍ଡା ମରକନଗୁଡ଼ା ଓ ମେଟାଗୁଡ଼ା ଜଙ୍ଗଲର ପାହାଡ଼ରୁ ବିପୁଳ ପରିମାଣର ଡମ୍ପ ବନ୍ଧୁକ ଆଦି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ସାମଗ୍ରୀ ଜବତ କରିଛି । ଏହି କ୍ୟାମ୍ପ ଦୁଲେଡ ଅନ୍ତର୍ଗତ ମରକନଗୁଡ଼ାର ଜଙ୍ଗଲ ପାହାଡ଼ିଆ ଅଂଚଳରୁ ନକ୍ସଲ ମାନେ ଲୁଚାଇ ରଖିଥିବା ୬ଟି ବନ୍ଧୁକ, ବିଜିଏଲ ସେଲ୍ ଓ ବିପୁଳ ପରିମାଣର ବିସ୍ଫୋଟକ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସୁକମା ଏସପି କିରଣ ଚହ୍ୱାନ ରବିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ସୁକମା ଜିଲ୍ଲାରେ ନକ୍ସଲ ମୂଳପାଟନ ଅଭିଯାନ କ୍ରମେ ନକ୍ସଲଙ୍କ ଉପସ୍ଥିତିର ସୂଚନା ଆଧାରରେ ଶନିବାର ଜିଲ୍ଲା ପୋଲିସ ବଳ, ସୁରକ୍ଷା ବଳ ଓ ସିଆରପିଏଫର ସଂଯୁକ୍ତ ପାର୍ଟି ସର୍ଚ୍ଚ ଅପରେସନ ନିମନ୍ତେ ଚିନ୍ତାଗୁଫା ଥାନା ଅନ୍ତର୍ଗତ ଦୁଲେଡ କ୍ୟାମ୍ପ ର ମରକନଗୁଡ଼ା ଜଙ୍ଗଲକୁ ଯାଇଥିଲେ । ଅଭିଯାନ ସମୟରେ ଶନିବାର ମରକନଗୁଡ଼ା ଜଙ୍ଗଲ ଅଂଚଳରେ ନକ୍ସଲ ମାନେ ସୁରକ୍ଷା ବଳକୁ କ୍ଷତି ପହଂଚାଇବା ଉଦ୍ଦେଶ୍ୟରେ ଲୁଚାଇ ରଖିଥିବା ୬ଟି ବନ୍ଧୁକ ବିଜିଏଲ ସେଲ୍ ଓ ବିପୁଳ ପରିମାଣର ବିସ୍ଫୋଟକ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା । ସମସ୍ତ ଜବାନ ସୁରକ୍ଷିତ ଅଛନ୍ତି । ଅଭିଯାନ ପରେ ସମସ୍ତେ ସୁରକ୍ଷିତ ଭାବେ କ୍ୟାମ୍ପ କୁ ଫେରିଛନ୍ତି ।

## ବିଦେଶୀ ଅନଲାଇନ ମନି ଗେମିଂ ସଂସ୍ଥା ଉପରେ ଡିଜିଜିଆଇର କଡ଼ା କାର୍ଯ୍ୟାନୁଷ୍ଠାନ

# ୨୪୦୦ ବ୍ୟାଙ୍କ ଆକାଉଂଟ ବ୍ଲକ, ୧୨୬ କୋଟି ଟଙ୍କା ଅଚଳ

**ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** ବସ୍ତୁ ଓ ସେବା ଟିକସ ଗୁଇନ୍ଦା ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ବିଦେଶୀ ଅନଲାଇନ୍ ଗେମିଂ ସଂସ୍ଥା ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ଅନଲାଇନ୍ ମନି ଗେମିଂ ଶିଳ୍ପରେ ଉଭୟ ଦେଶୀ ଏବଂ ବିଦେଶୀ ଅପରେଟର ରହିଛନ୍ତି। ଜିଏସଟି ଆଇନ ଅନୁଯାୟୀ, 'ଅନଲାଇନ୍ ମନି ଗେମିଂ' କାର୍ଯ୍ୟକାରୀଯୋଗ୍ୟ ଦାବି ହୋଇଥିବାରୁ ଏହାକୁ 'ସାମଗ୍ରୀ'ର ଯୋଗାଣ ଭାବରେ ବର୍ଗୀକୃତ କରାଯାଇଛି ଏବଂ ଏହା ଉପରେ ୨୮% ଟିକସ ଲାଗୁ କରାଯାଇଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ଜିଏସଟି ଅଧୀନରେ ପଞ୍ଜୀକରଣ କରିବାକୁ ପଡ଼ିବ। ଅନଲାଇନ୍ ମନି ଗେମିଂ/ ବେଟିଂ/ଜୁଆରେ ସମ୍ପୃକ୍ତ ପ୍ରାୟ ୭୦୦ ବିଦେଶୀ ସଂସ୍ଥା ଡିଜିଜିଆଇର ନଜରରେ ଅଛନ୍ତି। ପଞ୍ଜୀକରଣ କରିବାରେ ବିଫଳ ହେବା, ଟିକସଯୋଗ୍ୟ ଦେୟ ଲୁଚାଇବା ଏବଂ ଟିକସ ଦାୟିତ୍ୱକୁ ଅଣଦେଖା କରି ଏହି ସଂସ୍ଥାମାନେ ଜିଏସଟିରୁ ବଚର୍ଚ୍ଚି ଯାଉଥିବା ଦେଖିବାକୁ ମିଳିଛି। ଆଇଟି ଆକ୍ଟ -୨୦୦୦ର ଧାରା ୬୯ ଅନୁଯାୟୀ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) ସହ ସମନ୍ୱୟ ରକ୍ଷା କରି ଡିଜିଜିଆଇ ଦ୍ୱାରା ବର୍ତମାନ ସୁଦ୍ଧା ବେଆଇନ/ ଅଣଅନୁପାଳନକାରୀ ଅନଲାଇନ ମନି ଗେମିଂ ସଂସ୍ଥାର ୩୫୭ଟି ୱେବସାଇଟ/ୟୁଆରଏଲକୁ ଅଚଳ କରାଯାଇଛି ।

ନିକଟରେ କେତେକ ବେଆଇନ ଗେମିଂ ପ୍ଲାଟଫର୍ମ ବିରୋଧରେ କରାଯାଇଥିବା ଏକ ଅପରେସନରେ ଡିଜିଜିଆଇ ଆଇ୪ସି ଏବଂ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ସହ ସମନ୍ୱୟ ରକ୍ଷା କରି ଅଂଶଗ୍ରହଣକାରୀଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ବ୍ୟବହୃତ ହେଉଥିବା ପ୍ରାୟ ୨୦୦୦ଟି ବ୍ୟାଙ୍କ ଆକାଉଣ୍ଟକୁ ଟାର୍ଗେଟ କରି ଅଚଳ କରିଥିଲା ଓ ୪ କୋଟି ଜବତ କରିଥିଲା। ଅନ୍ୟ ଏକ କାର୍ଯ୍ୟାନୁଷ୍ଠାନରେ ଏହି ଅଫସୋର ସଂସ୍ଥାର ୱେବସାଇଟରେ ଥିବା ୟୁପିଆଇ ଆଇଡି ସହ ଜଡିତ ୩୯୨ଟି ବ୍ୟାଙ୍କ ଆକାଉଣ୍ଟକୁ ଡେବିଟ୍ ଫ୍ରିଜ୍ ରଖାଯାଇଛି ଏବଂ ଏହି ଆକାଉଣ୍ଟରେ ମୋଟ ୧୨୨.୦୫ କୋଟି ଟଙ୍କା ଅସ୍ଥାୟୀ ଭାବେ ଜବତ କରାଯାଇଛି। ଭାରତ ବାହାରୁ ଅନଲାଇନ୍ ମନି ଗେମିଂ ପ୍ଲାଟଫର୍ମ ଚଳାଉଥିବା କିଛି ଭାରତୀୟ ନାଗରିକଙ୍କ ବିରୋଧରେ ଡିଜିଜିଆଇ ପକ୍ଷରୁ ଆଉ ଏକ ଅପରେସନ କରାଯାଇଥିଲା। ଏହି ବ୍ୟକ୍ତିମାନେ ସତଗୁରୁ ଅନଲାଇନ ମନି ଗେମିଂ ପ୍ଲାଟଫର୍ମ, ମହାକାଳ ଅନଲାଇନ ମନି ଗେମିଂ ପ୍ଲାଟଫର୍ମ ଏବଂ ଅଭି୨୪୭ ଅନଲାଇନ ମନି ଗେମିଂ ପ୍ଲାଟଫର୍ମ ସମେତ ବିଭିନ୍ନ ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଭାରତୀୟ ଗ୍ରାହକଙ୍କୁ ଅନଲାଇନ ମନି ଗେମିଂ ସୁବିଧା ଦେଉଥିଲେ ଏବଂ ଭାରତୀୟ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଛନ୍ତି । ଡିଜିଜିଆଇ ବର୍ତ୍ତମାନ ସୁଦ୍ଧା ଏହି ପ୍ଲାଟଫର୍ମ ସହ ଲିଙ୍କ୍ ହୋଇଥିବା ୧୬୬ଟି ଖଚର ଆକାଉଣ୍ଟକୁ ବ୍ଲକ୍ କରିଛି। ବର୍ତ୍ତମାନ ସୁଦ୍ଧା ଏଭଳି ୩ ଜଣଙ୍କୁ ଗିରଫ କରାଯାଇଛି ଏବଂ ଏଭଳି ଆଉ କିଛି ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ବିଦେଶୀ ସଂସ୍ଥାଗୁଡ଼ିକର ନିୟମ ଅନୁପାଳନ ନ କରିବା ନିରପେକ୍ଷ ପ୍ରତିଯୋଗିତାକୁ ବ୍ୟାହତ କରିଥାଏ, ସ୍ଥାନୀୟ ବ୍ୟବସାୟକୁ କ୍ଷତି ପହଞ୍ଚାଇଥାଏ ଏବଂ ବଜାରକୁ ଦୁର୍ବଳ କରିଥାଏ। ଏହି ଅସାଧୁ ବିଦେଶୀ ସଂସ୍ଥା ନୂଆ ୱେବ ଆଡ୍ରେସ୍ ତିଆରି କରି କଟକଣାକୁ ଏଡ଼ାଇ ଦିଅନ୍ତି। ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡିଛି ଯେ ଏହି କମ୍ପାନୀଗୁଡିକ କାରବାର ପ୍ରକ୍ରିୟା କରିବା ପାଇଁ 'ମ୍ୟୁଲ' ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ କାର୍ଯ୍ୟ କରୁଥିଲେ । ମ୍ୟୁଲ ଆକାଉଣ୍ଟ ଜରିଆରେ ଆଦାୟ ହେଉଥିବା ପାଣ୍ଠି ବେଆଇନ କାର୍ଯ୍ୟକଳାପରେ ପରିଣତ ହେବାର ସମ୍ଭାବନା ରହିଛି ଯାହା ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ବିପଜ୍ଜନକ ମଧ୍ୟ ହୋଇପାରେ।

# ପିଏମ୍-ଜାତୀୟ ଆପ୍ରେଂଟିସ୍ ପ୍ରୋତ୍ସାହନ ସ୍କିମ୍‌ରେ ୪୧ ଲକ୍ଷରୁ ଅଧିକ ଆପ୍ରେଟିଂସ୍ ସାମିଲ

**ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** ଜାତୀୟ ଆପ୍ରେଂଟିସ୍ ପ୍ରୋତ୍ସାହନ ସ୍କିମ୍-୨ ଅଧୀନରେ ପୂର୍ବାଂଚଳ ଓ ଦକ୍ଷିଣାଂଚଳ ରାଜ୍ୟର ଜୋନାଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍ଏସ୍‌ଡିଇ) ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି ।ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥଲା ଯେଉଁଥିରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରମୁଖ ଅଂଶୀଦାରମାନେ ଭାଗ ନେଇ ୨୦୨୬ ମାର୍ଚ୍ଚ ସୁଦ୍ଧା ୪୬ ଲକ୍ଷ ଆପ୍ରେଟିଂସ ନିୟୋଜିତ କରିବାର ଲକ୍ଷ୍ୟ, ଅଗ୍ରଗତି, ଆହ୍ୱାନ ଓ ରୋଡମ୍ୟାପ୍ ଉପରେ ଆଲୋଚନା ହୋଇଥିଲା।

ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରୀ କହିଛନ୍ତି ଯେ, "ଜାତୀୟ ଆପ୍ରେଂଟିସିପ୍ ପ୍ରୋତ୍ସାହନ ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ଭାରତର ଅଭିବୃଦ୍ଧି ଆକାଂକ୍ଷା ସହିତ ସମନ୍ୱିତ ଏକ ଶିଳ୍ପ ପ୍ରସ୍ତୁତ କର୍ମଚାରୀ ଗଠନ ଦିଗରେ ଏକ ପରିବର୍ତନଶୀଳ ଯାତ୍ରା। ଗତ କିଛି ବର୍ଷ ମଧ୍ୟରେ ଆମେ ଉଲ୍ଲେଖନୀୟ ଅଗ୍ରଗତି ଦେଖିଛୁ। ତିନି



ଥର ଆପ୍ରେଂଟିସିପ୍ ସଂପୃକ୍ତିଠାରୁ ଆରମ୍ଭ କରି ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାଙ୍କ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ଇଲେକ୍ଟ୍ରିକ୍ ଯାନ ମେକାନିକ୍ ଭଳି ଉଦୀୟମାନ ଶିଳ୍ପ ଧାରାକୁ ଆମେ ଗ୍ରହଣ କରୁଥିବା ବେଳେ ଆମର ଧ୍ୟାନ ଏକ ଦୃଢ଼, ସୁବ୍ୟବସ୍ଥିତ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ରହିଛି ଯାହା ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଦକ୍ଷତା ସହିତ ସଶକ୍ତ କରୁଛି। ରାଜ୍ୟ, ଶିଳ୍ପ ଏବଂ ଏମଏସଏମଇ ସହିତ ସହଯୋଗୀ ପ୍ରୟାସ ଏବଂ ଟେକ୍ନୋଲୋଜିର ଉପଯୋଗ ମାଧ୍ୟମରେ, ଆମେ ଲକ୍ଷ ଲକ୍ଷ ଯୁବ ଭାରତୀୟଙ୍କ ପାଇଁ ଆପ୍ରେଟିଂସିପ୍ ପ୍ରଶିକ୍ଷଣକୁ ଆକାଂକ୍ଷୀ ଏବଂ ପ୍ରଭାବଶାଳୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।"

ବୈଠକର ବିଷୟବସ୍ତୁ "ଶିଳ୍ପ-ପ୍ରସ୍ତୁତ କର୍ମଚାରୀଙ୍କ ପାଇଁ ଆପ୍ରେଟିଂସିପ୍ ପ୍ରଶିକ୍ଷଣ" ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଆପ୍ରେଂଟିସିପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା। ରାଜ୍ୟଗୁଡ଼ିକ ଏବଂ ଟୋୟୋଟା କିର୍ଲୋସ୍କର, ଟାଟା ଗ୍ରୁପ୍ ଏବଂ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଦ୍ୱାରା ଆକର୍ଷଣୀୟ ଏବଂ ବୁଝାମଣାପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଆରମ୍ଭ ହେବା ପରଠାରୁ ଏହି ସ୍କିମ୍‌ରେ ସମଗ୍ର ଦେଶରେ ୪୧.୨ ଲକ୍ଷରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କୁ ନିୟୋଜିତ କରିଛି। କେବଳ ଏନଏପିଏସ -୨ ଅଧୀନରେ ୨୬ ଲକ୍ଷ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଛନ୍ତି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ଷ୍ଟାଇପେଣ୍ଡ ସହାୟତା ବାବଦରେ ୧୫୫୦ କୋଟି ଟଙ୍କା ପ୍ରଶିକ୍ଷାର୍ଥୀଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯାଇଛି। ସମୀକ୍ଷା ଅଧିବେଶନରେ ଉଭୟ ଜୋନରେ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରାଯାଇଥିଲା। ଦକ୍ଷିଣାଚଂଳରେ ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲେଙ୍ଗାନା ଆପ୍ରେଟିଂସିପ୍ କ୍ଷେତ୍ରରେ ଅଗ୍ରଣୀ ଭାବେ ଉଭା ହୋଇଛନ୍ତି। ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶା ପୂର୍ବାଚଂଳରେ ଦୃଢ଼ ଅଂଶଗ୍ରହଣ କରି ଆଂଚଳିକ କର୍ମଶକ୍ତି ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ଆପ୍ରେଂଟିସିପ୍‌ରେ ମହିଳାଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ବୃଦ୍ଧି ପାଉଛି ଯାହା ଦକ୍ଷତା ବିକାଶକୁ ମହିଳା ଏବଂ ଅବହେଳିତ ସମୁଦାୟମାନଙ୍କ ପାଇଁ ଅଧିକ ଅନ୍ତର୍ଭୁକ୍ତୀକରଣ ଏବଂ ଉପଲବ୍ଧ କରାଇବା ପାଇଁ ପ୍ରୟାସକୁ ପ୍ରତିଫଳିତ କରୁଛି।

# ହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟର ୪୦୦୦ତମ ହାପ୍ ଦୈନିକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** ଭାରତର ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିମିଟେଡ ଆଜି ଆନ୍ଧ୍ରପ୍ରଦେଶର ଭୀମାଭରମରେ ଏହାର ୪୦୦୦ତମ ହାପ୍ ଦୈନିକ ବିକ୍ରୟ କେନ୍ଦ୍ର ଉଦଘାଟନ କରିଛି। ଏହି ମାଇଲଖୁଟ ସିଧାସଳଖ ଗ୍ରାହକଙ୍କୁ ସତେଜ ଏବଂ ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟ ପ୍ରଦାନ କରିବା ଲାଗି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ହାପ୍ ଦୈନିକ ଏକ୍ସକ୍ଲୁସିଭ୍ ଷ୍ଟୋର୍ କମ୍ପାନୀର ଖୁଚୁରା ବିକ୍ରୟ କେନ୍ଦ୍ର ସମ୍ପ୍ରସାରଣ ରଣନୀତିର ଏକ ଅଂଶବିଶେଷ, ଯାହା ଅରୁଣ ଆଇସ୍କ୍ରିମ୍, ଆରୋକ୍ୟା, ହଟ୍‌ସନ୍‌ଏବଂ ହାନୋବାର ସମେତ ଅନେକ ବ୍ରାଣ୍ଡ ସାମଗ୍ରୀ ଯୋଗାଇ ଦେଇଥାଏ। ଏହି ଷ୍ଟୋରଗୁଡ଼ିକ ଖୁଚୁରା ଆଇସକ୍ରିମ, ତାଜା କ୍ଷୀର, ଦହି, ବଟରମିଲ୍କ, ପନିର, ଦହି, ଜୁସ୍, ଚକୋଲେଟ୍ ଏବଂ ଆହୁରି ଅନେକ ଜିନିଷ ବିକ୍ରି କରିବେ। ହଟ୍‌ସନ୍ ଏଗ୍ରୋର ଉପସ୍ଥିତି ମହାରାଷ୍ଟ୍ର, କେରଳ,




ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପୁଡୁଚେରୀ ଏବଂ ଗୋଆରେ ଏହାର ଉପସ୍ଥିତିକୁ ଆହୁରି ଗଭୀର କରିଛି।

୪୦୦୦ତମ ହାପ୍ ଦୈନିକ ବିକ୍ରି କେନ୍ଦ୍ର ସମ୍ପର୍କରେ ମତବ୍ୟକ୍ତ କରି ହଟ୍‌ସନ୍ ଏଗ୍ରୋ ପ୍ରଡକ୍ଟ ଲିଃର ଅଧ୍ୟକ୍ଷ ଶ୍ରୀ ଆର. ଜି. ଚନ୍ଦ୍ରମୋଗାନ କହିଛନ୍ତି, "ଆନ୍ଧ୍ର ପ୍ରଦେଶର ଭୀମାଭରମରେ ଆମର ୪୦୦୦ତମ ଦୈନିକ ହାପ୍ ଏକ୍ସକ୍ଲୁସିଭ୍ ଷ୍ଟୋର ଉଦଘାଟନ, କମ୍ପାନୀର ତାଜା, ଉଚ୍ଚମାନର ଦୁଗ୍ଧଜାତ ଦ୍ରବ୍ୟକୁ ଗ୍ରାହକଙ୍କ ଅଧିକ ନିକଟତର କରିବା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଦୁଗ୍ଧ ଚାଷୀ ଏବଂ ଫ୍ରାଚାଇଜି ଅଂଶୀଦାରମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ନବସୃଜନ, ଗୁଣବତା ଏବଂ ସମାନ ଉତ୍ପାଦ ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ହଟ୍‌ସନ୍ ଏଗ୍ରୋ ସର୍ବଦା ଧ୍ୟାନ ଦେଇଥାଏ।

# ମଣିପୁରରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଉଦ୍ଧାର

**ଇମ୍ଫାଲ, ୨୪।୩ (ଏଜେନ୍ସି):** ମଣିପୁରର ବିଭିନ୍ନ ଅଞ୍ଚଳରେ ସୁରକ୍ଷାବାହିନୀ ଦ୍ୱାରା କରାଯାଇଥିବା ଅପରେସନରେ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ,ଗୋଳାବାରୁଦ ଏବଂ ଅନ୍ୟ ସନ୍ଦେହଜନକ ସାମଗ୍ରୀ ଉଦ୍ଧାର କରାଯାଇଛି ।ଏହି ସମୟରେ କିଛି ଲୋକଙ୍କୁ ଅଟକ ମଧ୍ୟ ରଖାଯାଇଛି।

ମଣିପୁର ପୋଲିସ ମୁଖପାତ୍ର ରବିବାର କହିଛନ୍ତି ଯେ ସୁଗନୁ ଥାନା ଅଞ୍ଚଳ ଅନ୍ତର୍ଗତ ମୋଲ୍ଟିନଚାନ ଗ୍ରାମ ,କାକଚିଙ୍ଗ ଜିଲ୍ଲାରେ ଏକ ଅପରେସନ ସମୟରେ ସୁରକ୍ଷାବାହିନୀ ଏକ ସ୍ଥାନୀୟ ପୋମ୍ପୀ, ଦୁଇଟି ସିଙ୍ଗଲ ବେରଲ ଗନ, ଗୋଟିଏ .୩୦୩ ରାଇଫଲ, ଗୋଟିଏ ସଂଶୋଧିତ ସୀଏମଜୀ କାର୍ବାଇନ, ନଅଟି .୩୦୩ ଜୀବନ୍ତ କ୍ୟାଟ୍ରିଜ, ଚାରୋଟି ୭.୬୨ ମିମି ଜୀବନ୍ତ କ୍ୟାଟ୍ରିଜ, ତିନୋଟି ଆଇଇଡୀ( ୧.୫କିଗ୍ରା, ଏକ କିଗ୍ରା ଏବଂ ୬୦୦ ଗ୍ରାମ) ୧୫ ଏକେ -୪୭ ଖାଲି କ୍ୟାଟ୍ରିଜ, ୨୦ନଗ.୩୦୩ ଖାଲି କ୍ୟାଟ୍ରିଜ, ୨୦ ନଗ ୭.୬୨ ମିମି ଖାଲି କ୍ୟାଟ୍ରିଜ, ୩୨ ଇନ୍ସାସ ଖାଲି କ୍ୟାଟ୍ରିଜ, ତିନୋଟି ପୋମ୍ପୀ ଶେଲ, ଦୁଇଟି ବୀପୀ ହେଲମେଟ, ଦୁଇଟି ଜଙ୍ଗଲ ବୁଟ, ଚାରୋଟି ବୀପୀ ଜ୍ୟାକେଟ, ଦୁଇଟି ଟିୟର ଗ୍ୟାସ ସ୍ମୋକ ସେଲ, ୧୬ ଟିୟର ସ୍ମୋକ ଶେଲଏବଂ ଅନ୍ୟାନ୍ୟ ଭାରି ଜିନିଷପତ୍ର ଉଦ୍ଧାର କରାଯାଇଥିଲା।

# ବକ୍ସିଂର ବାଦଶାହା ଜର୍ଜ ଫୋରମେନଙ୍କ ୭୬ ବର୍ଷ ବୟସରେ ଦେହାନ୍ତ

**ୱାଶିଂଟନ, ୨୪।୩ (ଏଜେନ୍ସି):** ହେଭିୱେଟ ବକ୍ସିଂ ଚମ୍ପିଆନ ଏବଂ ଗ୍ରିଲିଙ୍ଗରକିମ୍ବଦନ୍ତୀ ଜର୍ଜ ଫୋରମେନଙ୍କର ୭୬ବର୍ଷ ବୟସରେ ଶୁକ୍ରବାର ଦେହାନ୍ତ ହୋଇଛି ।ସେ ୪୫ବର୍ଷ ବୟସରେ ଅସମ୍ଭବକୁ ସମ୍ଭବରେ ପରିଣତ କରି ଟାଇଟଲ ପୁନଃ ପ୍ରାପ୍ତ କରିବାକୁ ଫେରି ଆସିଥିଲେ ।ସେ ବହୁତ ଟଙ୍କା ରୋଜଗାର କରିଥିଲେ ।ଇନଷ୍ଟାଗ୍ରାମ ଆକାଉଣ୍ଟରେ ତାଙ୍କ ମୃତ୍ୟୁ ଘୋଷଣା କରାଯାଇଛି ।ପରିବାର ଏଥିପାଇଁ କୌଣସି କାରଣ କହିନାହାନ୍ତି ।ଦ ନ୍ୟୁୟର୍କ ଟାଇମ୍ସ ଖବର ଅନୁସାରେ ଫୋରମେନ ୧୦ ବର୍ଷ ଦୁରରେ ରହିବା ପରେ ଯେତେବେଳେ ରିଙ୍ଗକୁ ଫେରିଥିଲେ ସେତେବେଳେ ସନ୍ଦେହ ହୋଇଥିଲା ଯେ ତାଙ୍କ ବୟସର ଜଣେ ଫାଇଟର କୌଣସି ମଧ୍ୟ ଯୁବା ଫାଇଟରଙ୍କୁ ପରାସ୍ତ କରିପାରିବ ।୧୯୯୪ରେ ସେ ଅପରାଜିତ ବିବେଚନା କରାଯାଉଥିବା ମାଇକଲ ମୁରରଙ୍କୁ ପରାସ୍ତ କରି ବିଶ୍ୱ ଟାଇଟଲ ହାସଲ କରି ବକ୍ସିଂର ଦୁନିଆ ଚକିତ କରିଦେଇଥିଲେ ।ଲାସଏଞ୍ଜେଲ୍ସ ଟାଇମ୍ସ ଖବରକାଗଜ ଅନୁସାରେ ଜର୍ଜ ଫେରମେନ ରମ୍ବଲ ଇନ ଦ ଜଙ୍ଗଲ ହେଭିୱେଟ ଚମ୍ପିଆନସିପ ଫାଇଟରେ ମୋହମ୍ମଦ ଅଲ୍ଲୀଙ୍କ ସହ ମୁହାଁମୁହିଁ ହୋଇଥିଲେ ।ଜର୍ଜ ଲୀନ ମୀନ ଇଲେକ୍ଟ୍ରିକ ଗ୍ରିଲକୁ ପ୍ରୋତ୍ସାହିତ କରିବାରେ ଏତେ ସଫଳ ହୋଇଥିଲେ ଯେ ଏକ ପୁରା ପିଢୀ ତାଙ୍କୁ ଟେଲିଭିଜନ ଗ୍ରିଲ ମ୍ୟାନ ଭାବରେ ଜାଣିବାରେ ସାହାଯ୍ୟ କରିଥିଲା ।ସେ ତାଙ୍କର ୮୧ଟି ମ୍ୟାଚ ମଧ୍ୟରୁ ୭୬ଟିରେ ଜିତିଥିଲେ ।ଜର୍ଜ ଏଥିରୁ ୬୮ଟି ମ୍ୟାଚରେ ନଟଆଉଟ ହୋଇଥିଲେ।

## କାଇନେଟିକ୍ ଗ୍ରୀନ ଆଇସ ଗ୍ଲୋବାଲ ଏକ୍ସପାନସନ

# ସୁଧାଂଶୁ ଅଗ୍ରୱାଲ ଅନ୍ତର୍ଜାତୀୟ ବିଜିନେସର ସଭାପତି

**ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ୍, ଯାହାକି ଭାରତର ଅଗ୍ରଣୀ ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚ଼କିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନିଚ଼କିଆ ଯାନ (ଇଥ୍ରିଡ଼ବ୍ଲୁ)ର ନିର୍ମାଣକାରୀ ପ୍ରତିଷ୍ଠାନ, ଅତି ଉତ୍ସୁକତାର ସହିତ ସୁଧାଂଶୁ ଅଗ୍ରୱାଲଙ୍କୁ ଏହାର ଅନ୍ତର୍ଜାତୀୟ ବ୍ୟବସାୟର ସଭାପତି ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ ଧରି ଉଭୟ ଘରୋଇ ତଥା ଅନ୍ତର୍ଜାତୀୟ ବ୍ୟବସାୟ ସ୍ତରରେ ବିଶେଷ ଭାବରେ ଏହି ଅଟୋମୋଟିଭ କ୍ଷେତ୍ରରେ ଭରପୁର ଅଭିଜ୍ଞତା ସାଉଁଟିବା ସହିତ ଶ୍ରୀ ଅଗ୍ରୱାଲ ଏକାଧାରରେ ଦକ୍ଷତାର ସୁନାମ ଅର୍ଜନ ଯେଉଁ ଦିଗରେ କରିପାରିଛନ୍ତି ସେଗୁଡ଼ିକ ହେଲା– ରଣକୌଶଳର ନେତୃତ୍ୱ, ବ୍ୟବସାୟୀକ ବିକାଶ, ଏହାର ଅଭିବୃଦ୍ଧି ତଥା ଚ଼ଳମାନ ସମାଧାନ ଇତ୍ୟାଦି। ତାଙ୍କର ନିଯୁକ୍ତି ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିବା ସହିତ ସେ ପ୍ରତିଷ୍ଠାନର ପରବର୍ତି ପର୍ଯ୍ୟାୟର ଦୁଇଟି ଉଚ୍ଚ ସମ୍ଭାବ୍ୟ କାର୍ଯ୍ୟକ୍ରମ ଯେପରିକି ଇଭିର ଶେଷ ଦୌଡ଼ ସମାଧାନର ରପ୍ତାନୀ ତଥା ସ୍ଥାପନା ସହିତ ରପ୍ତାନୀ କ୍ଷେତ୍ରରେ ଦୃଶ୍ୟମାନ ଭାରତର ବିକାଶର ଧାରାକୁ ବ୍ୟବସାୟୀକ ଇ-କମର୍ସ ଏବଂ ତ୍ୱରିତ ବ୍ୟବସାୟର ଘରୋଇ ପରିଚାଳିତ ପ୍ରଦାନକାରୀ ସେଗମେଂଟରେ ଚ଼ଳମାନ କ୍ଷେତ୍ରରେ ଅତି ଦ୍ରୁତଭାବରେ ବିକାଶ ଲାଭ କରୁଛି। ଶ୍ରୀ ଅଗ୍ରୱାଲ କାଇନେଟିକ୍ ଗ୍ରୀନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତରେ ନିଜକୁ ସାମିଲ କରିବା ସହିତ କମ୍ପାନୀର ଗତିଶୀଳନ ପର୍ଯ୍ୟାୟର ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଶ୍ରୀ ଅଗ୍ରୱାଲଙ୍କ ନେତୃତ୍ୱରେ ରହିଥିବା ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟରେ ରହିଛି ଶେଷ ଭାଗ ପର୍ଯ୍ୟନ୍ତ ଲଜିଷ୍ଟିକର ବ୍ୟବସାୟୀକ ଗତିଶୀଳନକୁ ପ୍ରଦାନ କରିବା, ଅଗ୍ରଣୀ ଇ-କମର୍ସବ୍ୟବସାୟୀକୁ ପ୍ରସାରିତ କରିବା, ତ୍ୱରିତ ବ୍ୟବସାୟ ତଥା ଆନୁଷ୍ଠାନିକ ମୁଖ୍ୟ ଶିଳ୍ପ ଗୁଡ଼ିକ ସହିତ ସାମିଲ ହେବା।

# ଦିଲ୍ଲୀକୁ ଜିତାଇଲା ଆଶୁତୋଷଙ୍କ ଆତସବାଜି

ବିଶାଖାପଟନମ, ୨୪/୩:ଆଇପିଏଲ୍ ,୨୦୨୫ ରେ ଏପର୍ଯ୍ୟନ୍ତ ସବୁଠାରୁ ରୋମାଞ୍ଚକର ମ୍ୟାଚ୍ ରେ ଦିଲ୍ଲୀ କ୍ୟାପିଟାଲ୍ସ ଶେଷ ଓଭରରେ ଲକ୍ଷ୍ନୌ ସୁପର ଜିଆଣ୍ଟସକୁ ପରାସ୍ତ କରିଥିଲା । ବିଶାଖାପଟନମରେ ଖେଳାଯାଇଥିବା ସିଜିନର ଚତୁର୍ଥ ମ୍ୟାଚ୍‌ରେ ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୦୯ ରନ୍ ସ୍କୋର କରିଥିଲେ । ଦଳ ତରଫରୁ ନିକୋଲାସ ପୁରନ ଏବଂ ମିଚେଲ ମାର୍ଶ ଚମତ୍କାର ବ୍ୟାଟିଂ କରିଥିଲେ । ଏହା ପରେ ମାତ୍ର ୭ ରନ୍‌ରେ ୩ ଉଇକେଟ୍ ଏବଂ ୬୫ ରନ୍‌ରେ ୫ ଉଇକେଟ୍ ହରାଇଥିବା ଦିଲ୍ଲୀ ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଶେଷ ଓଭରରେ ମାତ୍ର ୧ ଉଇକେଟରେ ମ୍ୟାଚ୍ ଜିତିଥିଲା ।

ଦିଲ୍ଲୀ ଏକଦା ସଙ୍କଟ ସମୟ ଦେଇ ଗତି କରୁଥିଲେ ହେଁ ଆଶୁତୋଷଙ୍କ ଅପରାଜିତ ୬୬ ରନ ବଳରେ ୧୯.୩ ଓଭରରେ ୯ ଉଇକେଟ ହରାଇ ୨୧୧ ରନରେ ପହଞ୍ଚି ଯାଇଥିଲା । ୩୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଆଶୁତୋଷ ନିଜ ଇନିଂସ ମଧ୍ୟରେ ୫ଟି ଲେଖାଏ ଚୌକା ଓ ଛକା ମାରି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ । ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଭିପ୍ରଜ ନିଗମ ୩୯, ଟ୍ରିଷ୍ଟନ ଷ୍ଟବ୍ସ ୩୪ ରନ କରିଥିଲେ । ଦିଲ୍ଲୀ ୧୧୩ ରନ ମଧ୍ୟରେ ୬ ଉଇକେଟ ହରାଇଥିବାବେଳେ ଆଶୁତୋଷ ଓ ଭିପ୍ରଜ ୭ମ ଉଇକେଟରେ ୨୨ ବଲ୍‌ରୁ ୫୫ ରନ ଯୋଗକରି ମୋମେଣ୍ଟମ ବଦଳାଇ ଦେଇଥିଲେ । ଲକ୍ଷ୍ନୌ ପକ୍ଷରୁ ଶାର୍ଦ୍ଦୁଳ ଠାକୁର, ମନିମାରାନ ସିଦ୍ଧାର୍ଥ, ଦିଗଭେଶ ରାଠି ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ନେଇଥିଲେ ।

ଲକ୍ଷ୍ନୌ ସୁପର ଜାଏଣ୍ଟ ବିସ୍ଫୋରକ ଆରମ୍ଭ କରିଥିଲା । ଓପନିଂ ଯୋଡ଼ିରେ ୨୮ ବଲ୍‌ରୁ ୪୬ ରନ ସଂଗ୍ରହ କରି ଦଳପାଇଁ ବଡ଼



ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ । ଏଡେନ ମାରକ୍ରମ ଓ ମିଚେଲ ମାର୍ଶ ମାରକ୍ରମ ଯଦିଓ ୧୫ ରନ କରି ଆଉଟ ହୋଇଥିଲେ । ତେବେ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ମାର୍ଶ ଓ ପୁରନ ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ଗଢ଼ିଥିଲେ । ମାର୍ଶ ୭୨ (୩୬ ବଲ, ୬ ଚୌକା, ୬ ଛକା) ଏବଂ ପୁରନ ୭୫ (୩୦ ବଲ, ୬ ଚୌକା, ୭ ଛକା) ରନରେ ଆଉଟ ହେବା ସହ ଲକ୍ଷ୍ନୌ ମୋମେଣ୍ଟମ ହରାଇଥିଲା । ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୩ଟି, କୁଲଦୀପ ଯାଦବ ୨ଟି ଏବଂ ଭିପରାଜ ନିଗମ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

## ୨୦୨୬ ଫିଫା ବିଶ୍ୱକପ୍ ଖେଳିବ ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ, ୨୪।୩: ନ୍ୟୁଜିଲାଣ୍ଡ ୨୦୨୬ ଫିଫା ବିଶ୍ୱକପ୍ ଖେଳିବ । ସୋମବାର ଓସେନିଆ । କନ୍‌ଫେଡେରେଶନ କ୍ୱାଲିଫାଇଂ ସିରିଜ ଫାଇନାଲରେ ନ୍ୟୁ କାଲେଡୋନିଆ।କୁ ୩-୦ ଗୋଲ୍‌ରେ ପରାସ୍ତ କରିବା ପରେ ନ୍ୟୁଜିଲାଣ୍ଡ ୨୦୨୬ ଫିଫା ବିଶ୍ୱକପ୍ ଖେଳିବା ପାଇଁ ଯୋଗ୍ୟତା ହାସଲ କରିପାରିଛି । ଏହାକୁ ମିଶାଇ ନ୍ୟୁଜିଲାଣ୍ଡ ତୃତୀୟ ଥର ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛି ।

ପୂର୍ବରୁ ଦଳ ୧୯୮୨ରେ ସ୍ପେନରେ ଏବଂ ୨୦୧୦ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା ପୂର୍ବରୁ ଟୁର୍ନାମେଣ୍ଟର ମିଳିତ ଆୟୋଜକ ଦେଶ ଭାବେ କାନାଡ଼ା, ୟୁଏସ୍ ଓ ମେକ୍ସିକୋ ସ୍ୱାଭାବିକ ଆପେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ଗତ ସପ୍ତାହରେ ଜାପାନ ପ୍ରଥମ ଦଳ ଭାବେ ୪୮ ଦଳକୁ ନେଇ ହେବାକୁଥିବା ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିସାରିଛି ସୋମବାର ମ୍ୟାଚରେ ପରାଜୟ ସତ୍ତ୍ୱେ ଏସିଆନ, ଆଫ୍ରିକାନ, ନର୍ଥ ଓ ସେଣ୍ଟ୍ରାଲ ଆମେରିକାନ ଏବଂ ସାଉଥ ଆମେରିକାନ କନ୍‌ଫେଡେରେଶନର ୬ଟି ଦଳକୁ ନେଇ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେଅଫ୍ ଜରିଆରେ ଯୋଗ୍ୟତା ଅର୍ଜନ ପାଇଁ ନ୍ୟୁ କାଲେଡୋନିଆ। ଲାଗି ଏକ ସୁଯୋଗ ରହିଛି ।

## ଅଧିନାୟକ ହେବା ଲାଗି ରାବାଡା ଆଗ୍ରହୀ

ନୂଆଦିଲ୍ଲୀ, ୨୩।୩: ବିଶିଷ୍ଟ ପେସ୍ ବୋଲର କାଗିସୋ ରାବାଡା କହିଛନ୍ତି, ତାଙ୍କୁ ଯଦି ତାଙ୍କ ଦେଶ ଜାତୀୟ ଦଳର ଅଧିନାୟକ ପଦବୀ ଯଚ୍ଛ ଯାଏ ତେବେ ସେ ତାହାକୁ ଗ୍ରହଣ କରିବା ଲାଗି ଆଗ୍ରହୀ ଅଛନ୍ତି ଯଶପ୍ରୀତ ବୁମ୍‌ରା ଓ ପ୍ୟାଟ୍ କୁମିନ୍ସଙ୍କ ସହିତ ରାବାଡା ବର୍ତ୍ତମାନ ସୟମର ଶ୍ରେଷ୍ଠ ପେସ୍ ବୋଲର ଭାବେ ବିବେଚନା କରାଯାଉଛି ।

କୁମିନ୍ସ ଅଷ୍ଟ୍ରେଲିଆର ନିୟମିତ ଅଧିନାୟକ ଥିବା ବେଳେ ବୁମ୍‌ରା ଟେଷ୍ଟ ଓ ଅନ୍ତର୍ଜାତୀୟ ଟି୨୦ରେ ଭାରତ ପାଇଁ କାମଚଳା ନେତୃତ୍ୱନେଇଛନ୍ତି ରାବାଡ଼ା ବର୍ତ୍ତମାନ ଏହି ସୁଯୋଗ ନେବାକୁ ଚାହୁଁଛନ୍ତି । ଦକ୍ଷିଣ ଆଫ୍ରିକୀୟ ପେସ୍ ବୋଲର କହିଛନ୍ତି, ତାଙ୍କୁ ଅନେକଥର ଏହି ବିଷୟରେ ପ୍ରଶ୍ନ କରାଯାଇଛି । ଫଳତଃ ତାଙ୍କୁ ଏ ବିଷୟରେ ଚିନ୍ତା କରିବାକୁ ପଡୁଛି । ତେବେ ଏହି ବିଷୟରେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) କିମ୍ବା କୋଚ୍ ବିଚାର କରି ଦେଖିବେ ବୋଲି ରାବାଡ଼ା କହିଛନ୍ତି ।



ରାବାଡ଼ା ଇତିମଧ୍ୟରେ ୭୦ ଟେଷ୍ଟ ମ୍ୟାଚ ଖେଳି ୩୨୭ ଉଇକେଟ ନେଇ ସାରିଛନ୍ତି । ସେ ଆହୁରି ୧୬୮ ଅନ୍ତର୍ଜାତୀୟ ଦିନିକିଆ ଉଇକେଟ ଓ ୭୧ ଅନ୍ତର୍ଜାତୀୟ ଟି୨୦ ଉଇକେଟ ହାସଲ କରିଛନ୍ତି । ରାବାଡ଼ା ସମସ୍ତ ଫର୍ମାଟରେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି । ସେ କହିଛନ୍ତି, ତାଙ୍କୁ ଯଦି ଅଧିନାୟକ ଭାର ସମ୍ଭାଳିବାକୁ ସୁଯୋଗ ଦିଆଯାଏ ତେବେ ସେ କୃତଜ୍ଞ ରହିବେ ଭାରତୀୟ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ବିଷୟରେ ପଚରାଯିବାରେ ସେ ତାହାର ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ପ୍ରଥମତଃ ବୁମ୍‌ରାଙ୍କ ବୋଲିଂ ଖୁବ୍ ଶାଣିତ ତାଙ୍କ ବୋଲିଂ ଶୈଳୀ ପାରମ୍ପରିକ ନୁହେଁ ତାଙ୍କ ଆକ୍ସନ ଖୁବ୍ ଅକୱାର୍ଡ ଏହାଦ୍ୱାରା ସେ ବ୍ୟାଟରମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଥାନ୍ତି ।

## ମହିଳା କ୍ରିକେଟ ପାଇଁ କେନ୍ଦ୍ରୀୟ ଚୁକ୍ତି

**ନୂଆଦିଲ୍ଲୀ, ୨୪।୩:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ମହିଳା ଦଳର ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ଘୋଷଣା କରିଛି ବୋର୍ଡ ୧୬ ଜଣ ଖେଳାଳିଙ୍କୁ ୩ଟି ବର୍ଗରେ ବିଭକ୍ତ କରିଛି ଗ୍ରେଡ ଏରେ ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କ ସମେତ ୩ ଜଣ ଖେଳାଳି ଅଛନ୍ତି ଗ୍ରେଡ ବିରେ ଶେଫାଳି ବର୍ମା ସମେତ ୪ ଜଣ ଖେଳାଳି ଏବଂ ଗ୍ରେଡ ସିରେ ୯ ଜଣ ଖେଳାଳି ଅଛନ୍ତି

ବିସିସିଆଇ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ସହିତ ସ୍ମୃତି ମନ୍ଧାନା ଏବଂ ହରମନପ୍ରୀତ କୌରଙ୍କୁ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟର ଏ ବର୍ଗରେ ସାମିଲ କରିଛି ରେଣୁକା ସିଂହ, ଜେମିମା ରଡ୍ରିଗ୍ସ, ରିଚ୍ଛ ଘୋଷ ଏବଂ ଶେଫାଳି ବର୍ମାଙ୍କୁ ତାଲିକା ବିରେ ସାମିଲ କରାଯାଇଛି ବିସିସିଆଇ ଖୁବ୍‌ଶୀଘ୍ର ପୁରୁଷ ଜାତୀୟ ଦଳର ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟର ତାଲିକା ମଧ୍ୟ ପ୍ରକାଶ କରିବ

**ମହିଳା ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟରେ ୧୬ ଜଣ ଖେଳାଳି ସାମିଲ**

**ଗ୍ରେଡ ଏ:** ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା

**ଗ୍ରେଡ ବି:** ରେଣୁକା ସିଂହ, ଜେମିମା ରଡ୍ରିଗ୍ସ, ରିଚ୍ଛ ଘୋଷ, ଶେଫାଳି ବର୍ମା

**ଗ୍ରେଡ ସି:** ଯାସ୍ତିକା ଭାଟିଆ, ରାଧା ଯାଦବ, ଶ୍ରେୟଙ୍କା ପାଟିଲ, ତିତସ ସାଧୁ, ଅରୁନ୍ଧତୀ ରେଡ୍ଡୀ, ଅମନଜୋତ କୌର, ଉମା ଛେତ୍ରୀ, ସ୍ନେହା ରାଣା, ପୂଜା ବସ୍ତ୍ରାକର ।

## ଭୋଜପୁରୀ କମେଣ୍ଟ୍ରି ଶୁଣିବାକୁ ପସନ୍ଦ କରନ୍ତି ଧୋନୀ

ଚେନ୍ନାଇ, ୨୪୩: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ରେ ଆଞ୍ଚଳିକ ଭାଷାର ଭାଷ୍ୟକାର ପଦକ୍ଷେପକୁ ଭାରତର କିମ୍ବଦନ୍ତୀ କ୍ରିକେଟର ଏମଏସ ଧୋନୀ ପ୍ରଶଂସା କରିଛନ୍ତି ସେ ଭୋଜପୁରୀ କମେଣ୍ଟ୍ରିକୁ ପ୍ରଶଂସା କରି ଏହାକୁ ଏନରଜେଟିକ୍ ବୋଲି କହିଛନ୍ତି ଧୋନୀ କହିଛନ୍ତି, ଭୋଜପୁରୀ କମେଣ୍ଟ୍ରି ମୋତେ ପୁରୁଣା ସମୟର ରେଡିଓ କମେଣ୍ଟ୍ରି କଥା ମନେ ପକାଇ ଦିଏ ତେଣୁ ଏହା ଶୁଣିବାକୁ ମଜା ଲାଗୁଛି । ୨୦୨୩ ସମୟରେ ଭୋଜପୁରୀ କମେଣ୍ଟ୍ରି ପ୍ରଥମେ ଆରମ୍ଭ କରାଯାଇଥିଲା ।



ଏହି ବର୍ଷ, ର ୧୮ତମ ସିଜିନ ୧୨ଟି ଭାଷା ଇଂରାଜୀ, ହିନ୍ଦୀ, ମରାଠୀ, ହରିୟାଣଭି, ବଙ୍ଗାଳୀ, ଭୋଜପୁରୀ, ତାମିଲ, ତେଲୁଗୁ, କନ୍ନଡ, ମାଲାୟଲମ, ଗୁଜରାଟୀ ଏବଂ ପଞ୍ଜାବୀ ଏବଂ ୧୬ଟି ଫିଡ୍‌ରେ ଲାଇଭ ଷ୍ଟ୍ରିମିଂ ହେଉଛି । ଧୋନୀ କହିଛନ୍ତି, ମୁଁ ଅଧିକ ଆଞ୍ଚଳିକ ଭାଷାର କମେଣ୍ଟ୍ରି ଶୁଣିନାହିଁ । କାରଣ ଯେତେବେଳେ ଆମେ ଲାଇଭ ମ୍ୟାଚ ଦେଖୁ, ରିପ୍ଲେ ସୀମିତ ଥାଏ ଏବଂ ମୁଁ ଯେଉଁ କମେଣ୍ଟ୍ରି ଶୁଣେ ତାହା ଅଧିକାଂଶ ଇଂରାଜୀ କିମ୍ବା ହିନ୍ଦୀରେ ଥାଏ । ଏହା ଆମକୁ ଖେଳକୁ ଭଲ ଭାବରେ ବିଶ୍ଳେଷଣ କରିବାରେ ସାହାଯ୍ୟ କରେ । ବ୍ୟକ୍ତିଗତ ଭାବରେ ମୁଁ କିଛି କମେଣ୍ଟେଟରମାନଙ୍କୁ ଶୁଣିବାକୁ ମଧ୍ୟ ପସନ୍ଦ କରେ । କାରଣ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବତନ ଖେଳାଳି ।ଯଦିଓ ମୁଁ ଗୋଟିଏ ସିଜିନରେ ୧୭ଟି ମ୍ୟାଚ ଖେଳିପାରେ, ସେମାନେ ବିଭିନ୍ନ ଟୁର୍ନାମେଣ୍ଟ ଏବଂ ଦେଶଗୁଡ଼ିକରେ ଶହ ଶହ ମ୍ୟାଚ କଭର କରନ୍ତି ସେମାନଙ୍କର ବିଭିନ୍ନ ପରିସ୍ଥିତି ଏବଂ ଦଳ ବିଷୟରେ ବହୁତ ଅଭିଜ୍ଞତା ଅଛି । ଧୋନୀ ଆହୁରି କହିଛନ୍ତି, ଖେଳାଳି ଭାବରେ, ଆମେ ଆମ ଦଳର ଶକ୍ତି ଏବଂ ଦୁର୍ବଳତା ଜାଣୁ, କିନ୍ତୁ କମେଣ୍ଟ୍ରି ଶୁଣିବା ଦ୍ୱାରା ଆପଣଙ୍କୁ ଏକ ବାହାର ଲୋକଙ୍କ ଦୃଷ୍ଟିକୋଣ ମିଳିଥାଏ । ଏହା ନୂତନ ଚିନ୍ତାଧାରା ଆଣିଥାଏ । ଯେପରିକି ଆମେ ଏହି ପଦ୍ଧତିକୁ କାହିଁକି ଚେଷ୍ଟା କରିବା ନାହିଁ ? ଯାହା ପରେ ବୁଦ୍ଧିମତ୍ତା ଏବଂ ତଥ୍ୟ ବ୍ୟବହାର କରି ମୂଲ୍ୟାଙ୍କନ କରାଯାଇପାରିବ ଯେ ଏହା ଦଳର ରଣନୀତି ସହିତ ଖାପ ଖାଉଛି କି ନାହିଁ ।

## ଡ୍ରାଇଭିଂବେଳେ ଆଇପିଏଲ୍ ଦେଖି ବିଦା ହେଲେ

ନୂଆଦିଲ୍ଲୀ ୨୪।୦୩: ଏବେ ସମସ୍ତଙ୍କୁ ଘାରିଛି ଆଇପିଏଲ୍ ନିଶା ଘରଠାରୁ ବାହାରେ ସମସ୍ତେ ମ୍ୟାଚ ଦେଖିବାରେ ବ୍ୟସ୍ତ । ଏମିତିକି ଗାଡି ଚଳାଇବା ବେଳେ ବି ଲୋକେ ଲେଖୁଛନ୍ତି ମ୍ୟାଚ୍ । ଏବେ ବସ୍ ଡ୍ରାଇଭିଙ୍ଗ ବେଳେ ମ୍ୟାଚ୍ ଦେଖିବା ଜଣେ ବ୍ୟକ୍ତିଙ୍କୁ ପଡିଛି ଭାରି । ଆଇପିଏଲ୍ ଦେଖିବାରୁ ତାଙ୍କୁ ଚାକିରୀ ହରେଇବାକୁ ପଡିଛି ।ଘଟଣାଟି ମହାରାଷ୍ଟ୍ରର ମୁମ୍ବାଇ-ପୁନେର ରାସ୍ତାରେ ଡ୍ରାଇଭର ବସ୍ ଚଲାଉଥିବା ସମୟରେ ମୋବାଇଲରେ ଆଇପିଏଲ୍ ମ୍ୟାଚ୍ ଦେଖୁଥିଲେ । ଏହି ଭିଡିଓ ଭାଇରାଲ୍ ହୋଇଥିଲା ।ଏହାକୁ ଦେଖିଥିଲେ ମନ୍ତ୍ରୀ । ପରେ ମହାରାଷ୍ଟ୍ର ସଡ଼କ ପରିବହନ ନିଗମ ରବିବାର ସମ୍ପୃକ୍ତ ଚାଳକଙ୍କୁ ଚାକିରିରୁ ବରଖାସ୍ତ କରିଛି ।ରିପୋର୍ଟ ଅନୁସାରେ, ବସ୍‌ରେ ଯାତ୍ରା କରୁଥିବା ଲୋକେ ଚାଳକ ଆଇପିଏଲ୍ ଦେଖୁଥିବା ବେଳର ଭିଡିଓ କରିଥିଲେ ।



ପରେ ସେହି ଭିଡିଓ ରାଜ୍ୟର ପରିବହନ ମନ୍ତ୍ରୀ ପ୍ରତାପ ସରନାଏକଙ୍କ ପାଖରେ ପହଞ୍ଚିଥିଲା ।ଯାତ୍ରୀ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସମେତ ଅନ୍ୟ ମନ୍ତ୍ରୀଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ । ସୂଚନା ଅନୁସାରେ ଘଟଣା ଗତ ମାର୍ଚ୍ଚ ୨୨ ତାରିଖର । ଭିଡିଓ ସାମ୍ନାକୁ ଆସିବା ପରେ ମନ୍ତ୍ରୀ ପ୍ରତାପ ତୁରନ୍ତ ଏମ୍‌ଏସ୍‌ଆର୍‌ଟିସିର ବରିଷ୍ଠ ଅଧିକାରୀଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଆଦେଶ ପାଇବା ପରେ ସ୍ଥାନୀୟ ଅଧିକାରୀ ସମ୍ପୃକ୍ତ ଚାଳକଙ୍କୁ ବସ୍ ସେବାରୁ ହଟାଇଛନ୍ତି । ଏଥିସହ ବସ୍ ଅପରେଟରଙ୍କ ଉପରେ ୫ ହଜାର ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି ।

ଅଟୋ, ଟ୍ୟାକ୍ସି ଏବଂ ଅନ୍ୟ ବାହନଗୁଡ଼ିକର ଚାଳକ ମଧ୍ୟ ଅନେକ ସମୟରେ ମୋବାଇଲ ଦେଖି ଗାଡ଼ି ଚଳାଉଥିବାର ଅଭିଯୋଗ ଆସୁଛି । ଏହାକୁ ଦୃଷ୍ଟିରେ ରଖି ସଡ଼କ ସୁରକ୍ଷା ସୁନିଶ୍ଚିତ କରିବାକୁ ପରିବହନ ବିଭାଗ ତୁରନ୍ତ ନୂଆ ନିୟମ ଆଣିବାକୁ ଯାଉଛି ବୋଲି ମନ୍ତ୍ରୀ ପ୍ରତାପ କହିଛନ୍ତି ।

## ସଞ୍ଜୟ ସିଂ ୟୁନାଇଟେଡ୍ ୱାଲର୍‌ଡ ରେସଲିଂ ଏସିଆ ବ୍ୟୁରୋ ସଦସ୍ୟ

ଅମ୍ମାନ(ଜର୍ଡାନ), ୨୪।୩: ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ କୁମାର ସିଂ ସୋମବାର ୟୁନାଇଟେଡ୍ ୱାଲର୍‌ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)- ଏସିଆର ବ୍ୟୁରୋ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ଏ ନେଇ



ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଘୋଷଣା କରାଯାଇଛି ।

ଅମ୍ମାନଠାରେ ୟୁଡବ୍ଲ୍ୟୁଡବ୍ଲ୍ୟୁ- ଏସିଆର ସାଧାରଣ ବୈଠକରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଞ୍ଜୟଙ୍କୁ ମୋଟ ୩୮ରୁ ୨୨ ଖଣ୍ଡ ଭୋଟ ମିଳିଥିଲା ସେ ଏହି ସମ୍ମାନଜନକ ପଦବୀକୁ ନିବ;ାଚିତ ହେବା ଭାରତୀୟ କୁସ୍ତି ଲାଗି ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହା ଅନ୍ତର୍ଜାତୀୟ କୁସ୍ତିସ୍ତରରେ ଭାରତର ସ୍ଥିତିକୁ ଆହୁରି ମଜଭୁତ କରିବ ବୋଲି ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କୁହାଯାଇଛି ।

## କେବେ ଫେରିବେ ବୁମରା ?

ନୂଆଦିଲ୍ଲୀ, ୨୪।୩: ସିଜିନର ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାଜୟର ସାମ୍ନା କରିବାକୁ ପଡିଥିଲା ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରିତ ବୁମରାଙ୍କ ବିନା ଖେଳିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଚେନ୍ନାଇ ସୁପର କିଙ୍ଗ୍ସ ୪ ୱିକେଟରେ ପରାସ୍ତ କରିଥିଲା । ଏବେ ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କର ପରବର୍ତ୍ତୀ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ମଇଦାନକୁ ଓହ୍ଲାଇବ ସେହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେଖିବାକୁ ମିଳିବ, କିନ୍ତୁ ଦ୍ରୁତ ବୋଲର ଜସପ୍ରିତ ବୁମରା କେବେ ଫେରିବେ ? ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର



ସହାୟକ ପ୍ରଶିକ୍ଷକ ପାରସ ମାହାମ୍ବରେ ଜସପ୍ରିତ ବୁମରା କେବେ ଦଳରେ ଯୋଗ ଦେଇପାରିବେ ତାହା ପାରସ ମାହାମ୍ବରେ କହିଥିଲେ ।

ପାରସ ମାହାମ୍ବରେଙ୍କ ଅନୁଯାୟୀ, ଜସପ୍ରିତ ବୁମରାଙ୍କ ଫେରିବା ପାଇଁ ସମୟ ଲାଗିପାରେ ସେ କହିଛନ୍ତି ଯେ ଜସପ୍ରିତ ଦ୍ରୁତ ଗତିରେ ସୁସ୍ଥ ହେଉଛନ୍ତି ଜାତୀୟ କ୍ରିକେଟ ଏକାଡେମୀରୁ ନିରନ୍ତର ସୂଚନା ମିଳୁଛି ଜସପ୍ରିତଙ୍କ ସୁସ୍ଥତାରେ ଆମେ ଖୁସି କିନ୍ତୁ ସେ କେବେ ଫେରିବେ । ମୁଁ କହିପାରିବି ନାହିଁ ? ଦଳ ପରିଚାଳନାର ଶୀର୍ଷ ବ୍ୟକ୍ତିମାନେ ଏହା ଭଲ ଭାବରେ କହିପାରିବେ । କାରଣ ସେମାନେ ଜାତୀୟ କ୍ରିକେଟ ଏକାଡେମୀ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ତଥାପି, ମୁଁ ଚାହେଁ ଯେ ଜସପ୍ରିତ ଯଥାଶୀଘ୍ର ଫେରି ଆସନ୍ତୁ କାରଣ ସେ ମୁମ୍ବାଇ ଇଣ୍ଡିଆନ୍ସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଆସିଛନ୍ତି ।

## ହାଇଦ୍ରାବାଦର ଡେବ୍ୟୁ ଇଷାନଙ୍କ ବିସ୍ଫୋରକ ପାଳି

ନୂଆଦିଲ୍ଲୀ, ୨୪।୩: ୧୨୦ ବଲ୍‌ରେ ୨୮୬ ରନ ୩୪ ଚୌକା ଓ ୧୨ଟି ବିଶାଳ ଛକା ଉପଲ ଷ୍ଟାଡିୟମ୍‌ରେ ହାଇଦ୍ରାବାଦର ଦଳଗତ ପ୍ରଦର୍ଶନ । ଯେଉଁଠି ଶେଷ କରିଥିଲା,ସେଠାରୁ ହିଁ ଆରମ୍ଭ କଲା ବିଜୟ ଅଭିଯାନ ପ୍ରତିପକ୍ଷ ବୋଲରଙ୍କୁ ନିର୍ମମ ପ୍ରହାର କରିବାକୁ ବ୍ରତ କରିଛି ସନରାଇଜର୍ସ । ଉପଲ ଷ୍ଟାଡ଼ିୟମ୍‌ରେ ଏକ ରେକର୍ଡ ଭଙ୍ଗା ମ୍ୟାଚ୍ ଦେଖିବାକୁ ମିଳିଥିଲା

ଟ୍ରାଭିସେକ ଯୋଡ଼ିଙ୍କ ସହ ନୂଆ । ବିସ୍ଫୋରକ ବ୍ୟାଟର ଭାବେ ଯୋଡ଼ି ହୋଇଥିଲେ ପକେଟ ଡାଇନାମୋ ଇଶାନ କିଷନ ମୁମ୍ବାଇ ଇଣ୍ଡିଆନ୍ସରୁ ବିଦା ହୋଇଥିଲେ ଆଉ ପରେ ସନରାଇଜର୍ସ ତାଙ୍କୁ କିଣିଥିଲା । ପ୍ରଥମ ମ୍ୟାଚ୍‌ରେ ହିଁ କିଷନ ନିଜର ଦମ୍ ଦେଖାଇଛନ୍ତି । ସେ ନିଜର ପ୍ରଦର୍ଶନ ବଳରେ ସନରାଇଜର୍ସର ଭରସା ଜିତିଥିଲେ ୪୭ଟି ବଲ୍‌ରୁ ୧୧ଚୌକା ଓ ୬ ଛକା ବଳରେ କିଷନ ଅପରାଜିତ ୧୦୬ ରନ ସଂଗ୍ରହ କରିଥିଲେ ।

ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପ୍ରଥମ ଶତକ ରହିଥିଲା । ଇଶାନ କିଷନ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ସେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲରେ ଶତକ ମାରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ଏହାବ୍ୟତୀତ ଏହା ହେଉଛି ୨୦୨୫ ସିଜିନର ପ୍ରଥମ ଶତକ ରାଜସ୍ଥାନ ରୟାଲ୍ସ ପକ୍ଷରୁ ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ ମଧ୍ୟ ଧୂଆଁଧାର ବ୍ୟାଟିଂ କରିଥିଲେ ।

ଏହି ଇନିଂସରେ ଇଶାନଙ୍କ ବ୍ୟତୀତ ଟ୍ରାଭିସ୍ ହେଡ୍ ୩୧ ବଲରେ ୬୭ ରନ୍ କରିଥିଲେ ହେନରିଚ୍ କ୍ଲାସେନ୍ ୩୪ ଏବଂ ନୀତିଶ କୁମାର ରେଡ୍ଡୀ ୩୦ ରନ କରିଥିଲେ ରାଜସ୍ଥାନ ଟିମ୍ ପକ୍ଷରୁ ତୁଷାର ଦେଶପାଣ୍ଡେ ସର୍ବାଧିକ ୩ଟି କେଟ ନେଇଥିଲେ ମହେଶ ତିକ୍ଷଣ ୨ଟି ଏବଂ ସନ୍ଦୀପ ଶର୍ମା ଗୋଟିଏ ୱିକେଟ ନେଇଥିଲେ ଉପଲରେ ୨୪୦ଟି ବଲ୍‌ରୁ ସଂଗୃହୀତ ହୋଇଥିଲା ମୋଟ୍ ୫୨୮ ରନ୍ ଉଭୟ ଦଳର ବ୍ୟାଟର ମାରିଥିଲେ ୩୦ଟି ଛକା ଓ ୫୧ ଚୌକା ।

ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ପାୱରପ୍ଲେ ଅର୍ଥାତ୍ ପ୍ରଥମ ୬ ଓଭରରେ ୯୪ ରନ୍ କରିଥିଲା । ଏହାପୂର୍ବରୁ ଆଇପିଏଲ୍‌ର ପାୱାର ପ୍ଲେରେ ସବୁଠାରୁ ବଡ ସ୍କୋର୍ ୨୦୨୪ରେ ହୋଇଥିଲା ହାଇଦ୍ରାବାଦ-ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ କୌଣସି ୱିକେଟ୍ ନ ହରାଇ ସର୍ବାଧିକ ରନ୍ ହୋଇଥିଲା ୧୨୫ ସେହିବର୍ଷ ହାଇଦ୍ରାବାଦ-ଲକ୍ଷ୍ନୌ ମ୍ୟାଚରେ ହୋଇଥିଲା ୧୦୭ । ଏହାପୂର୍ବରୁ ୨୦୧୭ରେ କୋଲକତା-ବେଙ୍ଗାଲୁର ମ୍ୟାଚରେ ୧୦୫ ରନ୍ ହୋଇଥିଲା ୨୦୧୪ରେ ଚେନ୍ନାଇ-ପଞ୍ଜାବ ବିପକ୍ଷ ମ୍ୟାଚରେ ୧୦୦ ରନ୍ ହୋଇଥିଲା । ସେହିପରି ୨୦୨୫ ଆଇପିଏଲ୍‌ରେ ହାଇଦ୍ରାବାଦ-ରାଜସ୍ଥାନ ମ୍ୟାଚ୍‌ରେ ଗୋଟିଏ ୱିକେଟ ଯାଇ ୯୪ ରନ୍ ଏବଂ ୨୦୨୪ରେ ପଞ୍ଜାବ ବନାମ କୋଲକାତା ମ୍ୟାଚରେ ପାୱାର ପ୍ଲେରେ ହୋଇଥିଲା ୯୩ ରନ୍ ।

## ସେରେଣ୍ଡା ଚମ୍ପିଆନ




କେନ୍ଦୁଝରଗଡ଼: ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ । ଆଇରନ ଏଣ୍ଡ ଡୋଲୋମାଇଟ ଖଣି ପାର୍ଶ୍ୱବର୍ତ୍ତୀ କାଶିଆ । (କ) ଗ୍ରାମରେ ଚାଲିଥିବା ଓ.ପି ଜିନ୍ଦଲ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ କାଶିଆ । (ଖ) ଦଳକୁ ପେନାଲ୍ଟି ସୁଟଆଉଟରେ ହରାଇ ସେରେଣ୍ଡା ଦଳ ଚାମ୍ପିଅନ ହୋଇଛି । ୩ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ ଫାଇନାଲ ମ୍ୟାଚରେ ବଡ଼ବିଲ ଏସଡିପିଓ ଡି.ଏନ୍ ପିଙ୍ଗୁଆ । ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚମ୍ପିଆନ ଟ୍ରଫି ପ୍ରଦାନ କରିଥିଲେ ।

## ଘରୋଇ ମ୍ୟାଚ୍ ନ ଖେଳି ଆଇପିଏଲ୍‌ରେ ଜଲୱା

ଚେନ୍ନାଇ, ୨୪।୩: ରୋହିତ ଶର୍ମାଙ୍କ ସ୍ଥାନରେ ଦ୍ୱିତୀୟ ଇନିଂସରେ ଇମ୍ପାକ୍ଟ ପ୍ଲେୟାର ଭାବରେ ଆସିଥିବା ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳି ବିଗ୍ନେଶ ପୁଥୁରଙ୍କୁ ଆଇପିଏଲରେ ଡେବ୍ୟୁ କରିବାର ସୁଯୋଗ ମିଳିଥିଲା । ସେ ଏହି ସୁଯୋଗର ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ ଏବଂ ତାଙ୍କର ଡେବ୍ୟୁକୁ ସ୍ମରଣୀୟ କରିଥିଲେ । ବିଗ୍ନେଶ ଅଧିନାୟକ ରତୁରାଜ ଗାୟକ୍ୱାଡଙ୍କ ରୂପରେ ତାଙ୍କର ପ୍ରଥମ ଉଇକେଟ ନେଇଥିଲେ । ଏହା ପରେ ସେ ବିସ୍ଫୋରକ ବ୍ୟାଟସମ୍ୟାନ ଶିବମ ଦୁବେ (୯)ଙ୍କୁ ଆଉଟ୍ କରିଥିଲେ । ସେ ତାଙ୍କ ସ୍ପେଲରେ ୩୨ ରନ ଦେଇ ମୋଟ ୩ଟି ଉଇକେଟ ନେଇଥିଲେ ।

ରାହୁଲ ତ୍ରିପାଠୀଙ୍କ ଉଇକେଟ ପରେ, ରତୁରାଜ ଗାୟକ୍ୱାଡ ଏବଂ ରାଚିନ ରବିନ୍ଦ୍ରଙ୍କ ସହ ୬୭ ରନର ଭାଗୀଦାରି କରି ଚେନ୍ନାଇକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ ।ଏହାପରେ ବିଗ୍ନେଶ ପୁଥୁର ତାଙ୍କର ଡେବ୍ୟୁ ମ୍ୟାଚ ଖେଳୁଥିବା ବେଳେ ୨ ଉଇକେଟ ନେଇ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବିଜୟ ଆଶା ବୃଦ୍ଧି କରିଥିଲେ ।ସେ ଅଷ୍ଟମ ଓଭରର ପଞ୍ଚମ ବଲରେ ରତୁରାଜ ଗାୟକ୍‌ୱାଡ (୫୩)ଙ୍କୁ ଆଉଟ୍ କରିଥିଲେ ଏହା ତାଙ୍କର ପ୍ରଥମ ଉଇକେଟ ଏହା ପରେ ସେ ଦଶମ ଓଭରରେ ଶିବମ ଦୁବେ (୯)ଙ୍କୁ ଆଉଟ କରିଥିଲେ ଆଇପିଏଲ ନିଲାମରେ ମୁମ୍ବାଇ ଇଣ୍ଡିଆନ୍ସ ବିଗ୍ନେଶ ପୁଥୁରଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଥିଲା ।



ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ତାଙ୍କର ଡେବ୍ୟୁ ମ୍ୟାଚ୍‌ରେ ପୁଥୁର ମୋଟ ୩ ଉଇକେଟ ନେଇଥିଲେ ସେ ତାଙ୍କର ୪ ଓଭର ସ୍ପେଲରେ ୩୨ ରନ ଦେଇଥିଲେ ସେ ରତୁରାଜ ଗାୟକ୍‌ୱାଡ ଏବଂ ଶିବମ ଦୁବେଙ୍କ ପରେ ଦୀପକ ହୁଡାଙ୍କ ରୂପରେ ତୃତୀୟ ଉଇକେଟ ନେଇଥିଲେ । ଏହି ମ୍ୟାଚ୍‌କୁ ୪ ଉଇକେଟ୍‌ରେ ଜିତିଥିଲା ଦଳ ଶେଷ ଓଭରର ପ୍ରଥମ ବଲ୍‌ରେ ୧୫୬ ରନ୍‌ର ଟାର୍ଗେଟ ହାସଲ କରିଥିଲା ।

ବାମହାତୀ ସ୍ପିନର ବିଗ୍ନେଶ ପୁଥୁର ୧୧ ବର୍ଷ ବୟସରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ସେ କେରଳ କ୍ରିକେଟ ଲିଗର ପ୍ରଥମ ସିଜିନରେ ଆଲେପି ରିପଲ୍ସ ଦଳର ଅଂଶ ଥିଲେ ପୁଥୁର ସେହି ଟୁର୍ନାମେଣ୍ଟରେ କେବଳ ୩ଟି ଉଇକେଟ ନେଇଥିଲେ, କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସ ସ୍କାଉଟ୍ସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସେମାନେ ତାଙ୍କୁ ଟ୍ରାଏଲ ପାଇଁ ନିମନ୍ତ୍ରଣ କରିଥିଲେ । ବିଗ୍ନେଶ ପୁଥୁର ଏପର୍ଯ୍ୟନ୍ତ ଘରୋଇ କ୍ରିକେଟରେ କେରଳ ଦଳ ପାଇଁ ଖେଳିନାହାଁନ୍ତି ତଥାପି, ଏହା ପୂର୍ବରୁ ସେ ତାଙ୍କର ଚୁକ୍ତି ସୁରକ୍ଷିତ କରିସାରିଥିଲେ ତାଙ୍କୁ ଆଇପିଏଲ ନିଲାମରେ ମୁମ୍ବାଇ ଇଣ୍ଡିଆନ୍ସ ୩୦ ଲକ୍ଷ ଟଙ୍କାରେ କିଣିଥିଲା ।

## ପଡ଼ିଆରେ ହୃଦଘାତର ଶିକାର ହେଲେ ତମିମ

ନୂଆଦିଲ୍ଲୀ: ପୂର୍ବତନ ବାଂଲାଦେଶ ଅଧିନାୟକ ତାମିମ ଇକବାଲ ମ୍ୟାଚ୍ ଖେଳୁଥିବା ସମୟରେ ହୃଦଘାତ ଶିକାର ହୋଇଥିଲେ । ଏହାପରେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ପ୍ରକାଶିତ ରିପୋର୍ଟ ଅନୁଯାୟୀ, ତମିମ ଇକବାଲ ଢାକା ପ୍ରିମିୟର ଲିଗ୍ (ଡିପିଏଲ)ରେ ମୋହମ୍ମଦନ୍ ସ୍ପୋର୍ଟିଂ କ୍ଲବ ପାଇଁ ଖେଳୁଥିଲେ । ଢାକା ପ୍ରିମିୟର ଲିଗରେ ମୋହମ୍ମଦନ୍ ସ୍ପୋର୍ଟିଂ କ୍ଲବ ଏବଂ ସିନେପୁକୁର କ୍ରିକେଟ୍ କ୍ଲବର ଦଳ ମୁହାଁମୁହିଁ ହୋଇଥିଲେ । ଏହି ସମୟରେ ତମିମ ଇକବାଲ ହୃଦଘାତର ଶିକାର ହୋଇଥିଲେ ।ଫିଲ୍ଡିଂ କରିବା ସମୟରେ ତମିମ୍ ଇକବାଲ୍ ଅସହଜ ଅନୁଭବ କରିବା ଆରମ୍ଭ କରିଥିଲେ, ଏହାପରେ ତାଙ୍କୁ ଫଜିଲାତୁନେଶା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଇକବାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ କିପରି ଅଛି ସେନେଇ ଖବର ଲେଖାହେଲା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ରିପୋର୍ଟ ମିଳି ପାରି ନଥିଲ' ।



ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଡାକ୍ତର ଦେବାଶିଷ ଚୌଧୁରୀ ଏହି ଘଟଣାକୁ ନିଶ୍ଚିତ କରି କହିଛନ୍ତି, ତମିମ୍ ଇକବାଲ୍ ଛାତିରେ ଯନ୍ତ୍ରଣା ଅଭିଯୋଗ କରିବା ମାତ୍ରେ ତାଙ୍କୁ ହସ୍ପିଟାଲ ନେବା ପାଇଁ ଏକ ହେଲିକପ୍ଟର ବ୍ୟବସ୍ଥା କରାଯାଇଥିଲା । ୫୦ ଓଭର ମ୍ୟାଚର ପ୍ରଥମ ଇନିଂସରେ ତମିମ୍ ଛାତିରେ ଯନ୍ତ୍ରଣା ହେଉଥିବା କହିବା ପରେ ତୁରନ୍ତ ଡାକ୍ତରୀ ବିଶେଷଜ୍ଞମାନେ ଘଟଣାସ୍ଥଳରେ ପହଞ୍ଚି କ୍ରିକେଟରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ହସ୍ପଟାଲ ନେବାର ବନ୍ଦୋବସ୍ତ କରିଥିଲେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ